ସାମାଜିକ ନାଟକ

# ଅଟୋବାଲା

## HONESTY IS HIS LIFE

ରଚନା : ଡା: ଧନେଶ୍ୱର ସାହୁ
ଏମ.ବି.ବି.ଏସ.ଏମ.ଏସ





ସାମାଜିକ ନାଟକ

# ଅଟୋବାଲା

ରଚନା

ଡା: ଧନେଶ୍ୱର ସାହୁ

ଏମ.ବି.ବି.ଏସ.ଏମ.ଏସ.

ପ୍ରକାଶକ

ଆମରି ସତ୍ୟ

# ଅଟୋବାଲା

**ରଚନା :** ଡାକ୍ତର ଧନେଶ୍ୱର ସାହୁ
**ସର୍ବସ୍ୱତ୍ୱ ଅଧିକାରୀ :**ବିଜୟଲକ୍ଷ୍ମୀ ସାହୁ
**ପ୍ରଥମ ସଂସ୍କରଣ : ୨୦୨୦**
**ପ୍ରକାଶକ:** ଆମରିସତ୍ୟ, ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପି.ଏନ୍ କଲେଜ, ଜିଲ୍ଲା : ଖୋରଧା, ପିନ୍: ୭୫୨୦୫୭
**ମୁଦ୍ରଣ:** ପ୍ରତିଭା ପ୍ରଣ୍ଟର୍ସ, ୟୁନିଟ୍-୯, ଭୁବନେଶ୍ୱର
**ମଲାଟ ପରିକଳ୍ପନା ଓ ଅଳଂକରଣ :** ରାଜୀବ ଲୋଚନ ରଥ
**ଲେଖକଙ୍କ ଠିକଣା :** ନୟାଗଡ଼ ରୋଡ ଖୋରଧା, ଚଣ୍ଡିଚୁଆ ପାଖ, ପୋ / ଜି : ଖୋରଧା-୭୫୨୦୫୫
**ଦୂରଭାଷ:**୯୪୩୭୧୦୭୬୧୩

*Autobala*
Written by: *Dr Dhaneswar Sahoo*
C *: Bijayalaxmi Sahoo*
*1st Edition : 2020*
**Published by:**
AMARISATYA
M-1/5, M. P. Housing Board Colony .
PO: P.N.College, Dt: Khordha-752057 .Odisha
amarisatya@gmail.com/amarisatya@rediffmail.com
06755-220980
-------------------
Printed at:
PRATIVA PRINTERS
Unit -9, Bhubaneswar
-------------------
*Address of the Author -*
*Nayagarh Road Khordha, Near Chandichua*
*Post/Dist : Khordha-752055*
*Mob. :9437107613*

**ISBN 978-93-85900-43-3**

**ମୂଲ୍ୟ: ୫୦.୦୦ ଟଂକା** / **Price: ₹ 50.00**

# ଅଟୋବାଲା

## ସାମାଜିକ ନାଟକ

ରଚନା :- ଡା: ଧନେଶ୍ୱର ସାହୁ
ଏମ.ବି.ବି.ଏସ.ଏମ.ଏସ

ଶ୍ରେଷ୍ଠାଂଶେ

ପୁରୁଷ

| | |
|---|---|
| ୧. କେଶବ ମଙ୍ଗରାଜ | ଅଟୋବାଲା, ବୟସ ୫୫ |
| ୨. ଆକାଶ ମଙ୍ଗରାଜ | ଅଟୋବାଲା ପୁଅ, ବୟସ ୨୩ |
| ୩. ରଞ୍ଜନ ରାୟ ଚୌଧୁରୀ | ଶିଳ୍ପପତି, ବୟସ ୫୫ |
| ୪. ବତାସ ମହାନ୍ତି | ଶିଳ୍ପପତିଙ୍କ ଚମଚା, ବୟସ ୪୫ |
| ୫. ଟାଇଗର ରଣସିଂହ | ଖଳନାୟକ, ବୟସ ୨୮ |
| ୬. ସମରେଶ ପାଲ | କନେଷ୍ଟବଲ, ବୟସ ୪୫ |

ସ୍ତ୍ରୀ

| | |
|---|---|
| ୧. ମନୀଷା ରାୟ ଚୌଧୁରୀ | ଶିଳ୍ପପତିଙ୍କ ଝିଅ, ବୟସ ୨୩ |

୨୨. ୭.୨୦୧୯ – ଝାଡ଼ଖଣ୍ଡର ଧାନବାଦରେ କାଲା ହୀରା ୨୦୧୯ ନାଟ୍ୟ ପ୍ରତିଯୋଗିତାରେ ମଂଚସ୍ଥ। ପ୍ରସ୍ତୁତି – ଆନ୍ଦୋଳନ ଖୋରଧା।
ପୁରସ୍କାର – ୧.ଶ୍ରେଷ୍ଠ ନାଟ୍ୟକାର, ୨. ଶ୍ରେଷ୍ଠ ନିର୍ଦ୍ଦେଶକ – ସନ୍ତୋଷ କୁମାର ମହାନ୍ତି, ୩. ଶ୍ରେଷ୍ଠ ଅଭିନେତ୍ରୀ – ସୋନାଲି ସାହୁ।
୯.୯.୨୦୧୯ – ୨୭ ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ଼ ୨୦୧୯ରେ ସାରଳାଭବନ କଟକରେ ମଂଚସ୍ଥ।
ପୁରସ୍କାର – ୧. ଶ୍ରେଷ୍ଠ ଓଡ଼ିଆ ନାଟକ, ୨. ଶ୍ରେଷ୍ଠ ନାଟ୍ୟକାର, ୩. ଶ୍ରେଷ୍ଠ ନିର୍ଦ୍ଦେଶକ – ସନ୍ତୋଷ କୁମାର ମହାନ୍ତି, ୪. ଶ୍ରେଷ୍ଠ ଅଭିନେତା – ରିଣ୍ଟୁ ଜେନା, ୫. ଶ୍ରେଷ୍ଠ ସହ ଅଭିନେତା – ଶିବରାମ ପୃଷ୍ଟି, ୬. ଶ୍ରେଷ୍ଠ ଅଣିନେତ୍ରୀ – ସୋନାଲି ସାହୁ, ୭. ଶ୍ରେଷ୍ଠ ଖଳନାୟକ – ଦେବାଶିଷ ସେଠୀ, ୮. ସାନ୍ତ୍ୱନାମୂଳକ ପୁରସ୍କାର – ରାଜେଶ କୁମାର ବେହେରା, ୯. ସାନ୍ତ୍ୱନା ମୂଳକ ପୁରସ୍କାର – ସଂଜୀବ ନାୟକ।

| | **ଚରିତ୍ର-ପୁରୁଷ** | **କଳାକାର** |
|---|---|---|
| ୧. | କେଶବ ମଙ୍ଗରାଜ | ଅନିଲ କୁମାର ପଡ଼ିଆରି |
| ୨. | ଆକାଶ ମଙ୍ଗରାଜ | ରିଣ୍ଟୁ ଜେନା |
| ୩. | ରଂଜନ ରାୟ ଚୌଧୁରୀ | ଶିବରାମ ପୃଷ୍ଟି |
| ୪. | ବତାସ ମହାନ୍ତି | ଅନିଲ ପରିଡ଼ା |
| ୫. | ଟାଇଗର ରଣସିଂହ | ଦେବାଶିଷ ସେଠୀ |
| ୬. | ସମରେଶ ପାଲ | ରାଜେଶ କୁମାର ବେହେରା |

**ନାରୀ ଚରିତ୍ର**

| | | |
|---|---|---|
| ୧. | ମନୀଷା ରାୟ ଚୌଧୁରୀ | ସୋନାଲି ସାହୁ |

ସଂଗୀତ ପରିଚାଳନା : ସଂଜୀବ ନାୟକ
ମଞ୍ଚ ଓ ରୂପସଜ୍ଜା : ରଣଜିତ ଜଗଦେବ୍
ସହଯୋଗ : ରିଣ୍ଟୁ ଜେନା, ମନୋଜ କୁମାର ବେହେରା, ସୋନାଲୀ ସାହୁ ଓ ସସ୍ମିତା ପଣ୍ଡା
ଉପସ୍ଥାପନା : ଆନ୍ଦୋଳନ, ଖୋର୍ଦ୍ଧା
ନିର୍ଦ୍ଦେଶନା : ସନ୍ତୋଷ କୁମାର ମହାନ୍ତି

୧୯.୯.୨୦୧୯ – ବାଂଶୁରି ରଙ୍ଗ ମହୋତ୍ସବ ୨୦୧୯ ବୃନ୍ଦାବନ – ମଥୁରାରେ ହିନ୍ଦୀ ରୂପାନ୍ତର ମଂଚସ୍ଥ। ପ୍ରସ୍ତୁତି – ଆନ୍ଦୋଳନ ଖୋରଧା।
ପୁରସ୍କାର – ୧.ଶ୍ରେଷ୍ଠ ନାଟ୍ୟକାର, ୨. ଶ୍ରେଷ୍ଠ ଅଭିନେତ୍ରୀ – ଶର୍ମିଷ୍ଠା ରାଉତରାୟ।
୧୫.୧୨.୨୦୧୯ – ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ପ୍ରତିଭା ସଂଗମ ୨୦୧୯ର ଜିଲ୍ଲାସ୍ତରୀର ପ୍ରତିଯୋଗିତାରେ ଶିଶୁ ବିଦ୍ୟାମନ୍ଦିର ଖୋରଧାରେ ମଂଚସ୍ଥ ଓ ପ୍ରଥମ ସ୍ଥାନ ଅଧିକାର କରିଛି।
୨୭.୧୨.୨୦୧୯ – ରାଷ୍ଟ୍ରୀୟ କଳାମଂଚ ପକ୍ଷରୁ ପ୍ରତିଭା ସଂଗମ ୨୦୧୯ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପାଟିଆ ରୋଡ଼ ଚନ୍ଦ୍ରଶେଖରପୁର ନୀଳାଦ୍ରିବିହାର ଶିଶୁମନ୍ଦିର ପ୍ରେକ୍ଷାଳୟରେ ମଂଚସ୍ଥ। ଶ୍ରେଷ୍ଠ ଓଡ଼ିଆ ନାଟକ ବିବେଚିତ।

# ସାରାଂଶ

ଏହି ପାର୍ଥିବ ଜଗତରେ ବିଚିତ୍ର ଅଟେ ସମ୍ପର୍କର ଡ଼ୋରି। କେତେବେଳେ ଅନିଚ୍ଛା ସତ୍ତ୍ୱେ ଯୋଡ଼ି ହୋଇଯାଏ ତ କେତେବେଳେ ଇଚ୍ଛା ଥିଲେ ବି ଦୂରେଇଯାଏ। ପ୍ରତ୍ୟେକ ସମ୍ପର୍କର ଡ଼ୋରିରେ ଅଛି ଶହ ଶହ କାହାଣୀ, ଘଟଣା ଓ ଦୁର୍ଘଟଣା। ଏମିତି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ନାଟକ **'ଅଟୋବାଲା'**। ଅଟୋ ଚଳେଇ ଜୀବିକା ନିର୍ବାହ କରୁଥିବା ଅଟୋବାଲା କେଶବ ମଙ୍ଗରାଜ ନିଜ ସ୍ତ୍ରୀକୁ ହରାଇ ଦୁଇ ପୁଅ ଆକାଶ ଓ ବିକାଶକୁ ବାପା, ମା'ଙ୍କ ସ୍ନେହ ଦେଇ ଲାଳନପାଳନ କରିଥିଲେ। କିନ୍ତୁ ହଠାତ୍ ବାଲ୍ୟାବସ୍ଥାରୁ ବିକାଶ ହୋଇଯାଏ ଅନ୍ତର୍ଦ୍ଧାନ। ଅନେକ ଖୋଜାଖୋଜି ଓ ପୋଲିସ ଷ୍ଟେସନରେ ଏଫ.ଆଇ.ଆର ଦେଇ ମଧ୍ୟ କୌଣସି ସୁଫଳ ମିଳିନି। କେଶବ ନିଜର ଗୋଟିଏ ପୁଅକୁ ହରାଇ ଆକାଶକୁ ଯତ୍ନର ସହିତ ଲାଳନପାଳନ କରନ୍ତି। ମେଧାବୀ ଆକାଶ ପଢ଼ାପଢ଼ି ସାରି ବାପାଙ୍କୁ ସାହଯ୍ୟ କରିବାପାଇଁ ଚାକିରି ସନ୍ଧାନରେ ରୁହେ। ସମୟକ୍ରମେ ଶିଳ୍ପପତି ରଂଜନରାୟ ଚୌଧୁରୀଙ୍କ ଝିଅ ମନୀଷା ରାୟ ଚୌଧୁରୀଙ୍କ ସହ ଗଢ଼ିଉଠେ ପ୍ରେମ ସମ୍ପର୍କ। ଅସାମାଜିକ ଯୁବକ ଟାଇଗର ରଣସିଂହ ମନୀଷା ଉପରେ ପକାଏ ଲୋଲୁ ଦୃଷ୍ଟି। ଯାହାର ଫଳସ୍ୱରୂପ ଆକାଶଠାରୁ ମାଡ଼ଖାଇ ପ୍ରତିହିଂସା ପରାୟଣ ହୋଇଉଠେ ଟାଇଗର। ଦିନେ ରଂଜନ ରାୟ ଚୌଧୁରୀଙ୍କ ଚାମ୍‌ଚା ବତାସ ମହାନ୍ତିଙ୍କଠାରୁ ଝିଅ ମନୀଷା ଜଣେ ଅଟୋବାଲାର ପୁଅ ସହ ପ୍ରେମ ସମ୍ପର୍କର ସୁରାକ ପାଇ  ବିରୋଧ କରନ୍ତି। କିନ୍ତୁ ଝିଅ ନିଜର ପ୍ରେମରେ ଅଟଳ ବିଶ୍ୱାସ ରଖେ।

ଘଟଣାକ୍ରମରେ ଦିନେ କେଶବର ଅଟୋରେ ମନୀଷା ଯିବା ସମୟରେ ଅଟୋଭଡ଼ାକୁ ନେଇ ହୁଏ ତର୍କ ବିତର୍କ। ଶେଷରେ ମନୀଷା ଅଟୋରେ ଯାଏ ସତ କିନ୍ତୁ ନିଜର ବ୍ୟକ୍ତିଗତ ଆବଶ୍ୟକୀୟ ଜିନିଷକୁ ନିଜ ଭ୍ୟାନିଟ ବ୍ୟାଗ୍ ସହିତ ଅଟୋରେ ଛାଡ଼ିଆସେ। ମାନସିକ ଯନ୍ତ୍ରଣାରେ ଜର୍ଜରିତ ହୁଏ ମନୀଷା। କିନ୍ତୁ ବିବେକବାନ୍ ଅଟୋବାଲା କେଶବ ମଙ୍ଗରାଜ ଭ୍ୟାନିଟ୍ ବ୍ୟାଗ୍ ଦେଖି ସମସ୍ତ କଥା ବୁଝିବା ପରେ ସେ ଖୋଜି ଖୋଜି ମନୀଷାକୁ ବ୍ୟାଗ୍ ଫେରାଇବାକୁ ଆସି ଟାଇଗର ହାତରୁ ମାଡ଼ଖାଇବା ସହିତ ମନୀଷା ପାଖରେ ଅପମାନିତ ହୁଏ। ଶେଷରେ ମନୀଷା ଯେତେବେଳେ ଜାଣେ ଯେ ନିରୀହ କେଶବ ମାନବିକତାର କାର୍ଯ୍ୟ କରିଛନ୍ତି ସେ ନିଜର ଭୁଲ୍ ପାଇଁ କ୍ଷମା ମାଗି ଅନୁତାପ କରନ୍ତି। ଏହି ଘଟଣାର ସୁଯୋଗ ନେଇ ଟାଇଗର ମନୀଷାର ନିକଟବର୍ତ୍ତୀ ହେବାପାଇଁ କେଶବକୁ ବାରମ୍ବାର ଅପମାନିତ କରେ। ଠିକ୍ ସେହି ସମୟରେ ଏସ୍.ପି ଆକାଶ ମଙ୍ଗରାଜ ଓ କନେଷ୍ଟବଳ ସମରେଶ ପାଲ୍ ଆସି ଘଟଣାକୁ ସମ୍ଭାଳନ୍ତି। ଝିଅକୁ ଖୋଜି ରଂଜନ ରାୟ ଚୌଧୁରୀ ଓ

## ଅଟୋବାଲା

ବତାସ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଅନୁଧ୍ୟାନ କରନ୍ତି। ଗୋଟିଏ ସ୍ଥାନରେ ପ୍ରତ୍ୟେକ ଚରିତ୍ର ଏକାଠି ହୋଇ ନିଜ ନିଜର ଲକ୍ଷ୍ୟ ଉଦ୍ଦେଶ୍ୟ ପରିପୁଷ୍ଟ କରନ୍ତି। ଆକାଶର ଏସ୍.ପି ରୂପ ଦେଖି ବାପା କେଶବ ଓ ପ୍ରେମିକା ମନୀଷା ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ରଂଜନ ରାୟ ଚୌଧୁରୀ ଏଭଳି ଜଣେ ଜ୍ୱାଇଁଙ୍କୁ ପାଇଥିବାରୁ ନିଜକୁ ଗର୍ବିତ ମନେକରନ୍ତି। ସମସ୍ତଙ୍କ ହସଖୁସି ସମୟରେ ଘଟଣାର ମୋଡ଼ ହଠାତ୍ ବଦଳିଯାଏ। କେଶବ ମଙ୍ଗରାଜ ଜାଣିବାକୁ ପାଏ ଯେ ତା'ର ଜହିଯାଇଥିବା ପୁଅ ହେଉଛି ଟାଇଗର ରଣସିଂହ। ସମସ୍ତେ ହତବାକ୍ ହୋଇଯାଆନ୍ତି। ଏଇ ଘଟଣାଚକ୍ରର ମୂକସାକ୍ଷୀ ହୁଅନ୍ତି ସମରେଶ ପାଲ୍। ଯିଏ ପଶ୍ଚିମବଙ୍ଗରେ ଏକ ପୋଲ ନିର୍ମାଣ ପାଇଁ ଶୁଭଦେବା ଅବସରରେ ଶିଶୁବଳି ଦେବାପାଇଁ ବିକାଶକୁ ଉଠେଇ ନେବାରେ ସାହାଯ୍ୟ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପିଲାଟି ଉପରେ ଦୟା ଆସିବାରୁ ନିଜପାଖରେ ରଖିଲା। ବିକାଶ ବଡ଼ହୋଇ ଧିରେ ଧିରେ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବାରୁ ସମରେଶ ତାକୁ ଘରୁ ବାହାରକରି ସମସ୍ତ ସମ୍ପର୍କ କାଟିଦେଇଥିଲା। ପୁନର୍ବାର ମିଳନର ଆଉ ଏକ ରୂପ। କିନ୍ତୁ ଆଇନ୍ ବୁଝେନି ଭାବନାର ଅଭିବ୍ୟକ୍ତି। ସେ ନ୍ୟାୟ ଓ ଅନ୍ୟାୟର ଧାର ଉପରେ ଚାଲେ। ଆକାଶ ନିଜ ଭାଇକୁ ପାଇ ଯେତିକି ଖୁସି ହୁଏ ତାକୁ ତା'ର କର୍ମ ପାଇଁ ଆଇନର କାଠଗଡ଼ାକୁ ନେବାପାଇଁ ସେତିକି ବାଧ ହୁଏ।

ଶେଷରେ ଏକ ବିଚ୍ଛେଦ ଓ ଯନ୍ତ୍ରଣାଦାୟକ ପରିବେଶରେ ନିଜ ପୁଅ ବୋହୂଙ୍କୁ ଧରି ଘରକୁ ଫେରେ କେଶବ ମଙ୍ଗରାଜ **"ଅଟୋବାଲା"** ।

**ନାଟ୍ୟକାର**
**ଡା: ଧନେଶ୍ୱର ସାହୁ**
**ଏମ.ବି.ବି .ଏସ., ଏମ.ଏସ**

# ୧ମ ଦୃଶ୍ୟ

(ରାଜପଥ। ସମୟ ସକାଳ। ପ୍ରବେଶ କଲେ ଆଧୁନିକ ସାଜସଜା ଝିଅ ମନୀଷା ରାୟ ଚୌଧୁରୀ। ହାତରେ ଭ୍ୟାନିଟ୍ ବ୍ୟାଗ୍। ଭ୍ୟାନିଟ୍ ବ୍ୟାଗରୁ ଫୋନ ବାହାର କରି ରିଙ୍ଗ କରି ଧରି)

ମନୀଷା : ହଁ ମୁଁ ମନୀଷା କହୁଛି। ମୁଁ ଏଇ ପାଖରେ ଅଛି। ତୁମେ ଯେଉଁଠି ଅଛ, ସେଇଠି ଥାଅ। ମୁଁ ସାଙ୍ଗେ ସାଙ୍ଗେ ଯାଇ ପହଁଞ୍ଚୁଛି।
(ପ୍ରବେଶ କଲା ଟାଇଗର ରଣସିଂହ)

ଟାଇଗର : ମନୀଷା, ଏମିତି ସକାଳୁ ସକାଳୁ କୋଉ ବୟଫ୍ରେଣ୍ଡ ପାଖକୁ ଫୋନ୍ କରୁଛ ?

ମନୀଷା : ମୁଁ ଯେଉଁଠିକି ଫୋନ୍ କଲେ ତୋର କ'ଣ ଗଲା ?

ଟାଇଗର : ଅଛି ନା।

ମନୀଷା : ମୋ ନାଆଁ କେମିତି ଜାଣିଲୁ ?

ଟାଇଗର : ତୋ ଭଳି ମାର୍କା ଦିଆ ଝିଅକୁ ଯେ କେହି ଜାଣିପାରିବ। ମୁଁ ଜାଣିପାରିବିନି କେମିତି ? (ମନୀଷା ଯିବାକୁ ବାହାରିଲା। ଟାଇଗର ରଣସିଂହ ବାଟ ଜଗିଲା।)

ମନୀଷା : ବାଟ ଛାଡ଼ ମୁଁ ଯିବି।

ଟାଇଗର : ମୁଁ ଛାଡ଼ିବିନି ।

ମନୀଷା : ଅଭଦ୍ର। ତୁ କାହା ସାଥିରେ କଥା ହେଉଛୁ ଜାଣିଛୁ ତ ?

ଟାଇଗର : ଜାଣିଛି। ଜାଣିକି କଥା ହେଉଛି।

ମନୀଷା : ତୁ କିଏ ? ତୋର ଏତେ ସାହସ ହେଲା କେମିତି ? ମୋ ଡାଡ଼୍‌ଙ୍କୁ କହିଲେ ତୋ ଦାଦାଗିରି ଏକବାରେ ଛାଡ଼ିଯିବ।

ଟାଇଗର : ମୁଁ ଟାଇଗର ରଣ ସିଂହ। ଟାଇଗର ମାନେ ବାଘ। ମୁଁ ଏରିଆର ବାଘ। ସମସ୍ତେ ଏଠି ମତେ ଭୟ କରନ୍ତି। କେହି ମୋ ସାମ୍ନାକୁ ଆସିବାକୁ ସାହସ କରନ୍ତି ନାହିଁ। ତୋ ଡାଡ଼୍ ରଂଜନ ରାୟ ଚୌଧୁରୀ ମୋର କିଛି କରିପାରିବନାହିଁ।

ମନୀଷା : ମୋ ଡାଡ଼୍‌ଙ୍କୁ ବି ଜାଣିଛୁ ?

ଟାଇଗର : ହଁ ହଁ ମୁଁ ଏରିଆର ସମସ୍ତଙ୍କୁ ଜାଣେ। ସମସ୍ତଙ୍କୁ ମୋ ଇସାରାରେ ନଚାଏ। ଯିଏ କଥା ମାନେ ଛାଡ଼ିଦିଏ। ଆଉ ଯିଏ ନମାନେ ତାକୁ କାଟି ମାଟିରେ ମିଶେଇ ଦିଏ। ବୁଝିଲୁ ?

## ଅଟୋବାଲା

ମନୀଷା : ଦେଖ ଭଲରେ ଭଲରେ କହୁଛି ମୋ ବାଟ ଛାଡ଼ ମୁଁ ଯିବି।

ଟାଇଗର : ମୁଁ ବାଟ ଛାଡ଼ିବିନି। ତୋ ଭଳି ଝିଅକୁ ଦେଖି କିଏ ବାଟ ଛାଡ଼ିଲାଣି ନା ମୁଁ ଛାଡ଼ିବି। ଆ, ଟିକେ ରୋମାନ୍ସ କରିବା। ବହୁଦିନୁ ତୋ ସାଥିରେ ରୋମାନ୍ସ କରିବାକୁ ଇଚ୍ଛା ଅଛି। କିନ୍ତୁ ସୁଯୋଗ ପାଉନଥିଲି। (ଟାଇଗର ମନୀଷାକୁ ଧରିବାକୁ ଯାଇଛି। ଦୁଇଜଣ ଏପଟ ସେପଟ ହୋଇଛନ୍ତି)

ମନୀଷା : ଯାଉନୁ, ତୋ ମା ଭଉଣୀ ସାଥିରେ ରୋମାନ୍ସ କରିବୁ।

ଟାଇଗର : ଚୁପ୍। ଏ ଟାଇଗର ଯେତେବେଳେ ଯାହା ଚାହେଁ ତାହା କରେ। ତୁ ଆଜି ଏ ଟାଇଗର ହାତରେ ପଡ଼ିଛୁ ମାନେ ଖସି ଯାଇପାରିବୁନି। (ପୁଣି ମନୀଷାକୁ ଧରିବାକୁ ଯାଇଛି।) ତୋତେ ଆଜି ଛାଡ଼ିବାର ପ୍ରଶ୍ନ ନାହିଁ। ତୋ ପାଇଁ ଦେହରେ ଯେଉଁ ନିଆଁ ଜଳୁଛି ତାକୁ ଶାନ୍ତ ନକରି ମୁଁ ଯାଉନି। (ପୁଣି ମନୀଷାକୁ ଧରିବାକୁ ଯାଇ ତା ହାତ ଧରିପକେଇଛି)

ମନୀଷା : ମୋ ହାତ ଛାଡ଼ କହୁଛି।

ଟାଇଗର : ନଛାଡ଼ିଲେ କ'ଣ କରିବୁ?

ମନୀଷା : କ'ଣ କରିବି ଦେଖିବୁ? (ମନୀଷା ଜୋର୍‌ରେ ହାତକୁ ଭିଡ଼ିଛି। ହାତ ଖସି ଯାଇଛି। ଟାଇଗରକୁ ଏକ ଶକ୍ତ ଚାପୁଡ଼ା ମାରିଛି। ଟାଇଗର ଗାଲ ଆଉଁସି)

ଟାଇଗର : ହାରାମଜାଦି, ଏତେ ସାହସ ତୋର। ଏ ଟାଇଗର ଉପରକୁ ହାତ ଉଠେଇଲୁ। ଆଉ ତୋର ରକ୍ଷା ନାହିଁ। ଆଜି ଏଇ ବିଚ୍ ରାସ୍ତାରେ ତୋର ଇଜତ୍ ନେବି। (ଟାଇଗର ମନୀଷାକୁ ଧରିବାକୁ ଯାଉଛି। ଏପଟ ସେପଟ ହୋଇଛନ୍ତି। ହଠାତ୍ ଆକାଶ ମଙ୍ଗରାଜ ପ୍ରବେଶ କରି ଟାଇଗରକୁ ଧକ୍‌କାଏ ଦେଇଛି। ଟାଇଗର ଓ ଆକାଶ ଦୁହେଁଫାଇଟିଙ୍ଗ୍ କରିଛନ୍ତି। ଟାଇଗର ହାରିଯାଇଛି।)

ଆକାଶ : ବଦମାସ୍। ରାସ୍ତାଘାଟରେ କ'ଣ ଝିଅ ବୋହୂଙ୍କୁ ଚଲେଇ ଦେବନି? ତୁମର କ'ଣ କେହି ମାଆ ଭଉଣୀ ନାହାଁନ୍ତି?

ଟାଇଗର : ଏ, ମୁଁ ଟାଇଗର ମାନେ ବାଘ। ତୁ ମୋତେ ଘାଇଲା କରିଛୁ। ଦେଖାଦେଖି ହେବା।

ଆକାଶ : ତୁ ଟାଇଗର ହ କି ଯାହା ହେଉଛୁ ହ। ଯାଉଛୁ ନା ପୁଣି ଦେଖିବୁ।

ଟାଇଗର : ହୁଁ। (ଟାଇଗର ପ୍ରସ୍ଥାନ)

ମନୀଷା : ଆକାଶ। (ଆକାଶ ପାଖକୁ ଯାଇ ତା ଛାତିରେ ଲୋଟିପଡ଼ିଛି)

ଆକାଶ : (ମନୀଷାକୁ ଆଉଁସି)ବ୍ୟସ୍ତ ହୁଅନି ମନୀଷା। ଯା ହେବା କଥା ତ ହୋଇଗଲାଣି।

ମନୀଷା : ତୁମେ ପହଁଚିନଥିଲେ ସେ ବଦମାସ୍ ଟା......

ଆକାଶ : ତୁମର କିଛି କ୍ଷତି କରିବା ଆଗରୁ ଭଗବାନ ମୋତେ ପଠେଇଦେଲେ। ଆଜିକାଲି ରାସ୍ତାଘାଟ ଆଉ ନିରାପଦ ନୁହେଁ ମନୀଷା, ଝିଅବୋହୂମାନେ ରାସ୍ତାଘାଟରେ ଯିବା ବିପଦ ହୋଇପଡ଼ିଲାଣି। ଏମିତି ଅମଣିଷ ବାଘମାନେ ବୁଲି ଦିବା ଲୋକରେ ମଣିଷ ଶିକାର କରୁଛନ୍ତି।

ମନୀଷା : ତା ନୁହେଁ ଆଉ କ'ଣ ? ଛାଡ଼ ସେ କଥା। ଯାହା ତ ହେବାର ହେଲାଣି। ଏବେ ଆମ ପରସନାଲ୍ କଥା ହେବା। ଦୁହେଁ ପୋଷ୍ଟ ଗ୍ରାଜୁଏଟ୍ ପଢ଼ାପରେ ପରସ୍ପରଠାରୁ ଅଲଗା ହୋଇଗଲେ ସତ କିନ୍ତୁ ମୋ ମନଟା ସବୁବେଳେ ତୁମରି ଠାରେ ଅଛି। ତୁମେ ଏବେ କରୁଛ କ'ଣ ?

ଆକାଶ : କ'ଣ ଆଉ କରିବି ? ଏମିତି ବିଭିନ୍ନ କଂପିଟେଟିଭ ପରୀକ୍ଷା ଦେଉଛି। ତୁମେ କ'ଣ କରୁଛ ?

ମନୀଷା : ମୁଁ ବି ସେମିତି କଂପିଟେଟିଭ ପରୀକ୍ଷା ଦେଉଛି। ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଛି, ତୁମେ ଆଗ କଂପିଟେଟିଭ ପରୀକ୍ଷାରେ ସଫଳ ହୁଅ।

ଆକାଶ : ତୁମ ତୁଣ୍ଡ ସୁତୁଣ୍ଡ ହେଉ। ମୁଁ ଗରିବ। ମୋର ପରିବାର ଚଳେଇବା ପାଇଁ ଚାକିରୀ ନିହାତି ଦରକାର। ତୁମେ ଜଣେ ଶିଳ୍ପପତିର ଝିଅ ତୁମର ଚାକିରୀ କ'ଣ ଦରକାର ?

ମନୀଷା : ବାପା ଶିଳ୍ପପତି ହେଲେ କ'ଣ ହେଲା ? ମୋ ଭବିଷ୍ୟତ କଥା ତ ମୁଁ ଦେଖିବି।

ଆକାଶ : ତୁମ ଭବିଷ୍ୟତ କଥା ତୁମ ବାପା ଭଲ ଭାବରେ ବୁଝିପାରିବେ।

ମନୀଷା : ମୁଁ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାକୁ ଚାହେଁ।

ଆକାଶ : ଗୁଡ୍ ଡିସିସନ୍।

ମନୀଷା : ଆକାଶ, ମୋତେ କେବେ ଭୁଲିବନି ତ ?

ଆକାଶ : ନାଁ। ବଂଚିଥିବା ଯାଏ ଏ ଆକାଶ ମନୀଷାର। ସେ ଆଉ କାହାର ହୋଇ ନପାରେ। କିନ୍ତୁ ତୁମେ ମୋତେ ଧୋକା ଦେବନି ତ ?

ମନୀଷା : ନାଁ, କଦାପି ନୁହେଁ ।

ଆକାଶ : ଠିକ୍ ଅଛି। ମନୀଷା, ଏବେ ଏକା ଯିବାଟା ଠିକ୍ ହେବନି। ଚାଲ ମୁଁ ତୁମକୁ ଘର ପାଖେ ଛାଡ଼ିଦେଇ ଆସିବି।

ମନୀଷା : ଚାଲ। (ଦୁହେଁ ଦୁହିଁଙ୍କୁ ପ୍ରେମଭରା ଆଖିରେ ଅନାଇଛନ୍ତି)

**ଅନ୍ଧକାର**

## ୨ୟ ଦୃଶ୍ୟ

(ପାର୍କର ଦୃଶ୍ୟ। ସମୟ ଅପରାହ୍ନ। ପାର୍କରେ ଆକାଶ ଓ ମନୀଷା ଲଗାଲଗି ହୋଇ ଛିଡ଼ା ହୋଇଛନ୍ତି)

ଆକାଶ : ମନୀଷା।

ମନୀଷା : ଉଁ ।

ଆକାଶ : ସ୍କୁଲ ଜୀବନ ଓ କଲେଜ ଜୀବନ ବହୁତ ଖୁସିରେ କଟେଇଥିଲେ। ଆମ ଦୁହିଁଙ୍କ ଭିତରେ ସେମିତି ଭଲପାଇବା ଥିଲାବୋଲି ଏବେ ପୁଣି ଭଗବାନ ଆମ ଦୁହିଁଙ୍କୁ ଏକାଠି କଲେ।

ମନୀଷା : ହଁ ଆକାଶ। ଏବେବି ସେମିତି ଖୁସିରେ ଜୀବନ କାଟିବା ।

ଆକାଶ : ସତରେ ଆମର ସମ୍ପର୍କ କ'ଣ ଚିରସ୍ଥାୟୀ ହୋଇପାରିବ ?

ମନୀଷା : କାହିଁକି ହେବନି ?

ଆକାଶ : ତୁମେ ଏତେବଡ଼ ଶିଳ୍ପପତିର ଝିଅ। ଆଉ ମୁଁ ଜଣେ ଗରିବ ସାଧାରଣ ମଣିଷ।

ମନୀଷା : ପ୍ରେମ ଧନୀ ଗରିବ ମାନେନା। ପ୍ରେମ ହେଉଛି ଶାଶ୍ୱତ। ପ୍ରେମ ହେଉଛି ମନ ସହ ମନର ମିଳନ। ତା'ଛଡ଼ା ତୁମେ ଜଣେ ମଣିଷ। ମୁଁ ଜଣେ ମଣିଷ। ଜଣେ ମଣିଷ ଆଉ ଜଣେ ମଣିଷକୁ ଭଲପାଉଛି।

ଆକାଶ : ତୁମ କଥାରେ ମୁଁ ଏକମତ। ଆମର ପ୍ରେମ ସବୁବେଳ ପାଇଁ ରହିବାକୁ ମୁଁ ଚାହେଁ। ହେଲେ ତୁମର ବାପା ଶିଳ୍ପପତି ରଂଜନ ରାୟଚୌଧୁରୀ ଆମ ସମ୍ପର୍କକୁ କ'ଣ ସ୍ୱୀକାର କରିବେ ?

ମନୀଷା : ମୋର ଆଶା ଓ ବିଶ୍ୱାସ ମୋ ଡାଡ୍ ଆମ ସମ୍ପର୍କକୁ ନିଶ୍ଚୟ ସ୍ୱୀକାର କରିବେ। କାରଣ ସେ ମୋତେ ବହୁତ ଭଲପାଆନ୍ତି।

ଆକାଶ : ତୁମ ଡାଡ୍ ଯଦି ସ୍ୱୀକାର ନ କରିବେ ?

ମନୀଷାା : ତେବେ ମୁଁ ସବୁଦିନ ପାଇଁ ଘରଛାଡ଼ି ଚାଲିଆସିବି ତୁମରି ପାଖକୁ।

ଆକାଶ : ମନୀଷା।

ମନୀଷାା : ହଁ ଆକାଶ! ତା'ଛଡ଼ା ମୋର ଅନ୍ୟ ବାଟ କିଛିନାହିଁ । କାରଣ ମୁଁ ତୁମକୁ ବହୁତ ଭଲପାଏ। ତୁମବିନା ବଂଚିବା ଅସମ୍ଭବ।

ଆକାଶ : ଏ ଆକାଶ ଆଜି ପର୍ଯ୍ୟନ୍ତ ମନୀଷା ଛଡ଼ା କାହାକୁ ମନଭିତରେ ଭାବିନି। ଛାତି ଚିରିଦେଲେ ଖାଲି ଦେଖାଯିବ ମନୀଷା...... ମନୀଷା.....

ମନୀଷା : ଆକାଶ ଛଡ଼ା ଏ ମନୀଷା ଆଜିଯାଏଁ କାହା କଥା ଚିନ୍ତା ବି କରିନି। ଛାତି ଚିରିଦେଲେ ଖାଲି ଦେଖାଯିବ ଆକାଶ...... ଆକାଶ... ।

ଆକାଶ : ମନୀଷା ।

ମନୀଷା : ଆକାଶ ।

(ଆଲିଙ୍ଗନ । ଗୀତ ଡ୍ୟାନସ୍ ।)

**ଅନ୍ଧକାର**

## ୩ୟ ଦୃଶ୍ୟ

(ଅଟୋବାଲା କେଶବ ମଙ୍ଗରାଜର ଝୁପୁଡ଼ି ଘର। ସାମନାରେ ବାରଣ୍ଡା। ସମୟ ସକାଳ। କେଶବ ପ୍ରବେଶ କଲେ। କ'ଣ ମନେ ମନେ ଭାବିଲେ)

କେଶବ : (ମନକୁ ମନ) ପେଟ୍ରୋଲ୍ ଡିଜେଲ୍ ରେଟ୍ ଦିନକୁ ଦିନ ଯେମିତି ବଢ଼ିଲାଣି ଆଉ ଏ ଅଟୋବାଲା ଅଟୋ ଚଲେଇ ପେଟ ପୋଷି ପାରିବେନି। ତା'ଛଡ଼ା ସୋଲାର ଅଟୋ ବାହାରିଲାଣି ଯେ ଆମକୁ ଆଉ ପଚରିବ କିଏ ? ଆକଶ।

ଆକାଶ : (ପ୍ରବେଶି) ବାପା, ମୋତେ ଡାକୁଥିଲେ ।

କେଶବ : ହଁ। ଅଟୋ ଚଲେଇ ଚଲେଇ ମୋର ଏ ଜୀବନ ଆଜି ପର୍ଯ୍ୟନ୍ତ ଏମିତି ବିତିଗଲା। ମୁଁ ଚାହୁଁଛି ?

ଆକାଶ : କ'ଣ ବାପା ?

କେଶବ : ତୁ ତ ଏତେ ପାଠ ପଢ଼ିଲୁ। ପୁଣି କ'ଣ ବିଭିନ୍ନ ପରୀକ୍ଷା ପାଇଁ ପ୍ରିପେୟାର କରୁଛୁ ଓ ଦେଉଛୁ। ଖଣ୍ଡେ ଭଲ ଚାକିରୀ ପାଇଗଲେ ମୋ ଦୁଃଖ ଯାଆନ୍ତା।

ଆକାଶ : ସବୁ ବାପା ମାଆଙ୍କର ଏଇ ଇଚ୍ଛା ବାପା। ମୁଁ ବିଭିନ୍ନ କମ୍ପିଂଟେଟିଭ ପରୀକ୍ଷା ପାଇଁ ପ୍ରିପେୟାର କରୁଛି ଓ ଦେଉଛି। ଦେଖାଯାଉ ଭାଗ୍ୟରେ ଯାହାଥିବ। ମୋ ଆଶା ଓ ବିଶ୍ୱାସ ମୋ ପରିଶ୍ରମ ବ୍ୟର୍ଥ ହେବନି ।

କେଶବ : ତୁ ତ ତୋ ପରିଶ୍ରମ କରୁଛୁ। ଦେଖାଯାଉ ଯାହାହେବ। ଆକାଶ ।

ଆକାଶ : ବାପା ।

କେଶବ : ତୋତେ ଆଜିଯାଏଁ କେତେକ କଥା ଲୁଚେଇ ରଖିଛି।

ଆକାଶ : କି କଥା ବାପା ?

କେଶବ : ତୋର ଆଉ ଜଣେ ବଡ଼ଭାଇ ଥିଲା ତା'ର ନାମ ବିକାଶ ମଙ୍ଗରାଜ। ସେ ଯଦି ଏବେ ଥାଆନ୍ତା ଦୁଇ ଭାଇଯାକ ମୋର ଦୁଇଟି ହାତ ହୋଇଥାନ୍ତ, ଏକାଠି ବସୁଥାନ୍ତ, ଖାଉଥାନ୍ତ, ବୁଲୁଥାନ୍ତ, ପଢୁଥାନ୍ତ। କିନ୍ତୁ ଦଇବର ବିଧାନ ଅଲଗା ଥିଲା ।

ଆକାଶ : ମାନେ ? ବିକାଶ ଭାଇ ଏବେ କେଉଁଠି ?

କେଶବ : ମୁଁ ଏ ପର୍ଯ୍ୟନ୍ତ ଜାଣିନି ।

ଆକାଶ : ଆଶ୍ଚର୍ଯ୍ୟ କଥା। ଆପଣ ଜାଣିନାହାଁନ୍ତି ?

କେଶବ : ନାଁ। ସବୁକଥା ଆଗ ଧୈର୍ଯ୍ୟର ସହ ଶୁଣିସାର ।

ଆକାଶ : କୁହନ୍ତୁ ବାପା ।

କେଶବ : ତୋ ଭାଇ ବିକାଶକୁ ପାଞ୍ଚ ବର୍ଷ ହେଲାପରେ ତୁ ଜନ୍ମ ହେଲୁ। ତୁ ଜନ୍ମବେଳେ ତୋ ବୋଉ ବାସନ୍ତିକୁ କ'ଣ ବାତ ମାରିଲା ଯେ ସେ ମରିଗଲା। ତୁ ବଂଚିଗଲୁ।

ଆକାଶ : ଏଁ! ଏତେ କଥା ଆଜିଯାଏଁ ଲୁଚେଇ ରଖିଛନ୍ତି କାହିଁକି ?

କେଶବ : ତୋରି ଭଲପାଇଁ କରିଛି। ତୋ ପଢ଼ାରେ ବାଧା ନହେବାପାଇଁ କରିଛି।

ଆକାଶ : ତା'ପରେ...... ।

କେଶବ : ତୋ ବୋଉ ମରିଗଲା ପରେ ତୁମେ ଦୁଇ ଭାଇଯାକ ମା'ଛେଉଣ୍ଡ ହୋଇଗଲ। ମୁଁ ତୁମ ଦୁଇଭାଇଙ୍କର ବାପା ବୋଉ ହୋଇ କାମ କଲି। ଦୁହିଁଙ୍କର ଅଳି ଅର୍ଦ୍ଦଳି ଶୁଣୁଥିଲି। ଦୁହିଁଙ୍କର ସବୁକଥା ବୁଝୁଥିଲି। ମୁଁ ଯେତେବେଳେ ଅଟୋ ନେଇ ବାହାରକୁ ଯାଏ ସେତେବେଳେ ତୁମ ଦୁହିଁଙ୍କୁ ଖୁଆଇ ଦେଇ ଅନ୍ୟ ଜଣେ ଲେଖାଯୋଖା ମାଉସୀ ପାଖରେ ଛାଡ଼ିଯାଏ। ଅଟୋଧରି ଫେରିବା ପରେ ତୁମ ଦୁହିଁଙ୍କୁ ତାଙ୍କ ଘରୁ ଆଣେ। ତା'ପରେ ତୁମ ଭଲମନ୍ଦ କଥା ବୁଝେ ।

ଆକାଶ : ବାପା, ଆପଣ ଆମ ପାଇଁ ଜୀବନରେ ବହୁତ କଷ୍ଟ କରିଛନ୍ତି। ବୋଉ ନଥାଇ ବୋଉର ସ୍ନେହ ଦେଇଛନ୍ତି। ସବୁକଥା ବୁଝିଛନ୍ତି। ଆପଣ କଷ୍ଟରେ ରହି ଆମ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରିଛନ୍ତି। ସେଥିପାଇଁ ଆପଣଙ୍କ କଷ୍ଟର ଅର୍ଜିତ ଟଙ୍କାରେ ମୁଁ ପ୍ରାଣ ପ୍ରଣେ ଚେଷ୍ଟା କରୁଛି ବାପା, ଯେମିତି ମୋ ପରୀକ୍ଷାରେ ମୁଁ ସଫଳ ହେବି। ବିକାଶ ଭାଇଙ୍କ କଥା କହିବାପରେ ତାଙ୍କ ବିଷୟରେ ଜାଣିବାକୁ ଆଗ୍ରହ ବଢ଼ିଯାଇଛି। ସେ କେମିତି କୁଆଡ଼େ ଗଲେ ବାପା ?

କେଶବ : ସେ ବହୁ ଦୁଃଖ କଥା ଆକାଶ। ଦିନକର କଥା ମୁଁ ଘରେ ନଥାଏ। ଅଟୋ ନେଇ ବାହାରକୁ ଯାଇଥାଏ। ବିକାଶକୁ ୫ ବର୍ଷ ଚାଲିଥାଏ। ସେ ଦାଣ୍ଡରେ ଖେଳୁଥିବା ସମୟରେ କିଏ ଜଣେ ମୁଖା ପିନ୍ଧା ଲୋକ ତା'ପାଟି ବନ୍ଦ କରି ଏକ ଗାଡ଼ିକୁ ଟେକି ନେଇଗଲା।

ଆକାଶ : ତା'ପରେ...... ।

କେଶବ : ଲୋକମାନେ ଏସବୁ ଦେଖି ପାଟିକଲେ। ଗାଡ଼ି ପଛରେ ଗୋଡ଼େଇଲେ। ଗାଡ଼ି ଅଟକେଇବାକୁ ଚେଷ୍ଟା କଲେ। କିଛି ଫଳ ମିଳିଲାନି। ଗାଡ଼ିଟା ଆଖି ପିଛୁଳାକେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା।

ଆକାଶ : ତା'ପରେ........ ।
କେଶବ : ପୋଲିସ୍ ଷ୍ଟେସନରେ ଏଫ.ଆଇ.ଆର ଦିଆଗଲା। ତଥାପି କିଛି ଲାଭ ହେଲାନି ।
ଆକାଶ : ବାପା, ଏ ପର୍ଯ୍ୟନ୍ତ ପୋଲିସ୍ କ'ଣ ଖୋଜି ପାଇଲାନି ?
କେଶବ : ନାଁ। ଦୀର୍ଘ ୨୩ ବର୍ଷ ହେଲା ଅନ୍ତରର କୋହ ଅନ୍ତରରେ ଚପିରଖି ଖୋଜୁଛି। ପତା ମିଳୁନି। କୋଉ ପୋଲିସ୍‌ବାଲା ଏ ଗରିବ ଲୋକର କଥା ଶୁଣୁଛନ୍ତି।
ଆକାଶ : ବାପା, ମୁଁ ତ ବିଭିନ୍ନ କଂପିଟେଟିଭ ପରୀକ୍ଷାପାଇଁ ପ୍ରିପେୟାର କରୁଛି ଓ ଦେଉଛି। ଯଦି ଭଗବାନଙ୍କ କୃପାରୁ ମୁଁ ଆଇ.ପି.ଏସ୍ ପାଇଯାଏ ତେବେ ଦେଖିବେ ବାପା ପୋଟିସ୍ ଡିପାଟମେଂଟରେ ବିରାଟ ପରିବର୍ତ୍ତନ ଆଣିବି।
କେଶବ : ଏ କେଶବ ଅଟୋବାଲା ପୁଅ ପୁଣି ଆଇ.ପି.ଏସ୍ ପାଇବ ? ଲୋକେ ହସିବେ। ମୋର ମୋଟେ ବିଶ୍ୱାସ ହେଉନି। ସେ ବଡ଼ ପୋଷ୍ଟ ସବୁ ବଡ଼ବଡ଼ିଆ ପିଲାମାନେ ପାଆନ୍ତି।
ଆକାଶ : ଆପଣ ସେ କଥା କାହିଁକି ଭାବୁଛନ୍ତି ? ମୋ ଉପରେ ବିଶ୍ୱାସ ରଖନ୍ତୁ। ଆପଣଙ୍କ କଷ୍ଟ ଧନରେ ମୁଁ ମୁଣ୍ଡଝାଳ ତୁଣ୍ଡରେ ମାରି ଉଦ୍ୟମ କରୁଛି। ମୋର ଆଶା ଭଗବାନ ଆମ ଡାକ ଶୁଣିବେ ବାପା। ଯଦି ମୋ ଭାଗ୍ୟରେ ଆଇ.ପି.ଏସ୍. ପାଇବାର ଯୋଗ ଥାଏ ତେବେ ମୁଁ ନିଶ୍ଚୟ ପାଇବି ବାପା। ଆପଣଙ୍କ ନାଆଁ ରଖିବି।
କେଶବ : ଦେଖାଯାଉ, ଭଗବାନ କେବେ ଏ ଗରିବ ଅଟୋବାଲାର ଡାକ ଶୁଣୁଛନ୍ତି ?
ଆକାଶ : ଭଗବାନ ନିଶ୍ଚୟ ଶୁଣିବେ ବାପା। କାରଣ ଆପଣ ପରା ସବୁବେଳେ ସତ୍ ପଥରେ ଅଛନ୍ତି। ଏବେଠୁଁ ମୁଁ ମୋ ବିକାଶ ଭାଇଙ୍କୁ ଖୋଜିବି। ସେ ଯେଉଁଠି ଥାଆନ୍ତୁ ନା କାହିଁକି ଦିନେ ନା ଦିନେ ଖୋଜି ବାହାର କରିବି।
କେଶବ : ତୋ ତୁଣ୍ଡ ସୁତୁଣ୍ଡ ହେଉ। ତୁ ତୋ କାମରେ ଲାଗିଯାଆ ଆକାଶ। ଏ ଗରିବ ଅଟୋବାଲାର ସୁନାମ ରଖେ। ଲୋକମାନଙ୍କୁ ଦେଖାଇଦେ, ଗରିବ ହେଲେବି ସେ କିଛି କରିବାକୁ ସକ୍ଷମ।
ଆକାଶ : ଆପଣଙ୍କ ଆଶ୍ରୀର୍ବାଦ ପାଇଲେ ମୁଁ ସବୁ କରିପାରିବି ବାପା ।
କେଶବ : ମୋ ଆଶ୍ରୀର୍ବାଦ ସବୁବେଳେ ତୋ ସାଥିରେ ଅଛି।
ଆକାଶ : ବାପା, ମୁଁ ବିଭିନ୍ନ କଂପିଟେଟିଭ ପରୀକ୍ଷା ପ୍ରିପେୟାର କରିବାପାଇଁ ଓ ଦେବାପାଇଁ ପାଞ୍ଚ ହଜାର ଟଙ୍କା ଦରକାର। ମୁଁ ଆଜି ଯିବି।

କେଶବ : ତୋର ଯାହା ଦରକାର ହେବ ଦେବି। ଏବେ ପାଖରେ ଯାହା ଅଛି ନେଇ ଯା। (କେଶବ ଘର ଭିତରକୁ ଯାଇ ଟଙ୍କା ଆଣି ଆକଶକୁ ଦେଇଛି। ଆକାଶ ନେଇଛି।) ନେ। ଏଇନା ତିନିହଜାର ଟଙ୍କା ଅଛି। ମୁଁ ପରେ ଆଉ ପଠେଇଦେବି। ଆଉ ଯାହା ଦରକାର ପଡ଼ିବ କହିଲେ ଦେବି। ତୋର ଯେପରି କିଛି ଅସୁବିଧା ନହୁଏ।

ଆକାଶ : ଠିକ୍ ଅଛି ବାପା। ମୁଁ ଏବେ ଯିବାକୁ ରେଡ଼ି ହେଉଛି।
(ଆକାଶ ପ୍ରସ୍ଥାନ)

କେଶବ : ଦେଖାଯାଉ ଏ ଅଟୋବାଲା ଭାଗ୍ୟରେ କ'ଣ ଅଛି ?

**ଅନ୍ଧକାର**

# ୪ର୍ଥ ଦୃଶ୍ୟ

(ରାଜପଥ। ସମୟ ସକାଳ। ପ୍ରବେଶ କଲେ ଆଧୁନିକ ବେଶଭୂଷାରେ ସୁସଜ୍ଜିତ ହୋଇ ମନୀଷା ରାୟଚୌଧୁରୀ। ହାତରେ ଏକ ଭ୍ୟାନିଟ୍ ବ୍ୟାଗ୍। ଏପଟ ସେପଟ ହେଉଛନ୍ତି। ଏକ ଅଟୋର ଶବ୍ଦ। ଅଟୋ ଦେଖି ଅଟୋବାଲାକୁ ହାତ ଦେଖାଇ)

ମନୀଷା : ଏ ଅଟୋବାଲା ଯିବ।

କେଶବ : (ଭିତରୁ) ହଁ ହଁ ଯିବି।
(ପ୍ରବେଶ କଲେ ଅଟୋବାଲା କେଶବ ମଙ୍ଗରାଜ)
ମୋ ଅଟୋ ରେଡ଼ି। କେଉଁଠିକି ଯିବ ?

ମନୀଷା : ଓଲଡ଼ ଟାଉନ ।

କେଶବ : ଠିକ୍ ଅଛି।

ମନୀଷାା : କେତେ ନେବ ?

କେଶବ : ଯାହା ରେଟ ଅଛି ଦେବ।

ମନୀଷା : ତଥାପି କେତେ ଟଙ୍କା।

କେଶବ : ପଚିଶ ଟଙ୍କା।

ମନୀଷା : ମୁଁ ତ ତିରିଶି ଟଙ୍କାରେ ପ୍ରାୟ ସବୁବେଳେ ଯିବା ଆସିବା କରୁଛି। ତୁମେ ଏତେ ଟଙ୍କା କ'ଣ କହୁଛ ? ଚାଳିଛି ଟଙ୍କା ନେବ ଚାଲ ।

କେଶବ : କେଉଁ ଅଟୋବାଲା କ'ଣ ନେଲା ନନେଲା ମୁଁ ଜାଣେନା। ଅଟୋ ଆସୋସିଏସନ୍ ଯାହା ରେଟ୍ ଠିକ୍ କରିଛି ମୁଁ କହିଲି। ଏଥର ତୁମ ଇଚ୍ଛା।

ମନୀଷା : ମୋ ଇଚ୍ଛାରେ ନୁହେଁ ଆଉ କ'ଣ ତୁମ ଇଚ୍ଛାରେ।

କେଶବ : ତୁମ ଚାଲିଚଳନ, ରୂପ ଭେକରୁ ତୁମେ ଜଣେ ଧନୀଘର ଝିଅ ଜଣାପଡୁଛ।

ମନୀଷା : ଠିକ୍ ମାର୍କ କରିଛ।

କେଶବ : କେତେ ଟଙ୍କା କେଉଁଆଡ଼େ ଉଡ଼େଇ ଦେଉଥିବ। ସାମାନ୍ୟ ଗରିବ ଅଟୋବାଲା ସାଥିରେ କ'ଣ ଏମିତି ବାରଗେନିଙ୍ଗ୍ କରୁଛ ? ଝିଅପିଲା ହୋଇ ଟିକିଏ ଶିଷ୍ଟାଚାର ବି ନାହିଁ ? ମୁହଁ ଛିଞ୍ଚାଡ଼ି କଥାବାର୍ତ୍ତା କରୁଛ ?

ମନୀଷା : ଏ ଅଟୋବାଲା ବେଶି ବଢ଼ି ବଢ଼ି କଥା କହନା। ମୋତେ ପୁଣି ତୁମେ ଶିଷ୍ଟାଚାର ଶିଖେଇବ ? ବେଶୀ ବକ୍ ବକ୍ କଲେ ମୋତେ ଖରାପ ବ୍ୟବହାର ଦେଖଉଛ ବୋଲି ପୋଲିସ୍‌କୁ ଜଣେଇବି। ପରେ ଠିକ୍ ହୋଇଯିବ।

କେଶବ : ଆରେ ସତେ ତ ନାରୀମାନଙ୍କ ସୁରକ୍ଷା ପାଇଁ ସବୁଅଛି । କିନ୍ତୁ ପୁରୁଷମାନଙ୍କ ସୁରକ୍ଷା ପାଇଁ କିଛିନାହିଁ । ବରଂ ଚୁପ୍ ରହିବା ଭଲ ।

ମନୀଷା : ହଁ ସେଇଟା ଠିକ୍ । ନହେଲେ ଏ ନାରୀ ସଶକ୍ତୀକରଣ ଯୁଗରେ ତୁମେ ହାରିଯିବ । ମୁଁ କୁଆଡ଼େ କେତେ ଟଙ୍କା ଉଡ଼େଇଲି ତୁମର କ'ଣ ଗଲା ? ସାମାନ୍ୟ ଅଟୋବାଲା ହୋଇ ସାହାସତ କମ୍ ନୁହେଁ ? ମୁଁ କିଏ ଜାଣ ? ମୁଁ ଏ ଅଂଚଳର ବିରାଟ ଶିଳ୍ପପତି ରଂଜନରାୟ ଚୌଧୁରୀଙ୍କ ଝିଅ ମନୀଷା ରାୟଚୌଧୁରୀ ।

କେଶବ : ତୁମେ ଯିଏ ହୁଅନା କାହିଁକି ମୋର ଜାଣିବା ଦରକାର ନାହିଁ । ଅଦା ବେପାରୀର ଜାହାଜ ମୂଲ କରିବା କ'ଣ ଦରକାର ? ମୋ ଅଟୋ ଭଲ ତ ଏ ଅଟୋବାଲା ଭଲ । ସକାଳଟାରୁ ଝିକ୍‌ଝାକ୍ ନକରି ଯାହା ଦେବେ ଦେବେ ଅଟୋରେ ବସ । ନହେଲେ ଅନ୍ୟ ଅଟୋ ଦେଖ ।

ମନୀଷା : ମୁଁ ଏତେ ଅଟୋବାଲା ଦେଖିଛି, ଏତେ ଅଟୋରେ ଯାଇଛି । କିନ୍ତୁ ତୁମପରି ଅଟୋବାଲା କେବେ ଦେଖିନଥିଲି । ସାମାନ୍ୟ ଅଟୋବାଲା ହୋଇ ମୁହଁ ଉପରକୁ ହୋଇଗଲାଣି ।

କେଶବ : ସାମାନ୍ୟ ଅଟୋବାଲା ହେଲୁ ବୋଲି ଆମର କ'ଣ ମାନ ସମ୍ମାନ କିଛିନାହିଁ ? ଆମେ ଗରିବ ହୋଇପାରୁ କିନ୍ତୁ ମଣିଷ । ଅମଣିଷ ନୁହଁ ।

ମନୀଷା : ତାହାଲେ ଆମେ କ'ଣ ଅମଣିଷ ?

କେଶବ : ମୁଁ ତ ସେକଥା କହିନି । କାହିଁକି ଅଯଥାରେ ନିଜ ଉପରକୁ ଟାଣୁଛନ୍ତି ?

ମନୀଷା : ତୁମ ଅଟୋବାଲାଙ୍କ ସାଥିରେ ଆଉ କଥା କହିହେବନି । ହଉ ଚାଲ ଚାଲ । ମୋର ଡ଼େରି ହେଉଛି ।

କେଶବ : ମୁଁ ତ ରେଡ଼ି । ଆସ ଅଟୋରେ ବସ ।
(କେଶବ, ମନୀଶା ପ୍ରସ୍ଥାନ । ଅଟୋର ଶବ୍ଦ)

**ଅନ୍ଧକାର**

## ୫ମ ଦୃଶ୍ୟ

(ଶିଳ୍ପପତି ରଂଜନ ରାୟଚୌଧୁରୀଙ୍କ ଘର। ସମୟ ସକାଳ। ଆଧୁନିକ ସାଜସଜ୍ଜା। ରଂଜନ ବାବୁ ଘରେ ଏପଟ ସେପଟ ହେଉଛନ୍ତି। ଫୋନ୍ ରିଙ୍ଗ୍ କରି ଧରି)

ମନୀଷା : ଦେଖ

ରଂଜନ : ହ୍ୟାଲୋ, ଶିଳ୍ପପତି ରଂଜନ ରାୟ ଚୌଧୁରୀ ସ୍ପିକିଙ୍ଗ୍। ଫ୍ୟାକ୍ଟରୀ ପାଇଁ ତ ମ୍ୟାଟରିଆଲ ଠିକ୍‌ରେ ପହଂଚିପାରୁନି। ବହୁ ଅସୁବିଧା ହେଉଛି। ଫ୍ୟାକ୍ଟରୀ ଠିକ୍‌ରେ ନ ଚାଲିଲେ ଅଧିକ ଲସ୍ ହେବ। ଯଦି ର ମ୍ୟାଟରିଆଲ ଠିକ୍‌ରେ ଯୋଗାଇ ନପାରିବେ ମୁଁ ଅନ୍ୟ ପାର୍ଟି ସହ କଂଟାଟ କରିବି। ତାହାଲେ ଠିକ୍ ଅଛି। ଶୀଘ୍ର ପଠାଇ ଦେବେ। ବତାସ।

ବତାସ : (ପ୍ରବେଶି) ବାବୁ, ମୋତେ ଡ୍ୟାସ କଲେ ମାନେ ଡାକିଲେ ? କ'ଣ ହୁକୁମ ଅଛି କୁହନ୍ତୁ ?

ରଂଜନ : ମୁଁ ଶୁଣିବାକୁ ପାଇଲି, ଟାଇଗର ରଣସିଂହ ବୋଲି ଗୋଟାଏ ଟୋକା ଆମ ଏ ଅଂଚଳରେ ଉପଦ୍ରବ କରୁଛି। ଜୋର ଜବରଦସ୍ତ ଦାଦାବଟି ଆଦାୟ କରୁଛି। ଝିଅବୋହୂଙ୍କୁ ରାସ୍ତାଘାଟରେ ଚଲେଇ ଦେଉନି। ସେମାନଙ୍କ ଉପରେ ଅତ୍ୟାଚାର କରୁଛି। ସୁପାରୀ କିଲର ସାଜିଛି। ଯିଏ ତା କଥା ଶୁଣୁଛି ତାକୁ ଛାଡ଼ି ଦେଉଛି। ଆଉ ଯିଏ ତା ବିରୁଦ୍ଧରେ ଗଲା ତାକୁ କୁରୁଛତ୍ର ମାଡ଼ଦେଉଛି ନହେଲେ ମର୍ଡ଼ର କରୁଛି।

ବତାସ : ହଁ ଆଜ୍ଞା କଥାଟା ପୂରା ଡ୍ୟାସ ମାନେ ସତ। ମଉକା ଦେଖି ପୋଲିସକୁ କହି ତାକୁ ଡ୍ୟାସ କରିଦେବା ମାନେ ଏନକାଂଉଟର କରିଦେବା।

ରଂଜନ : ସେଇଆ ହେବା ଉଚିତ୍। ଆଉ ଫ୍ୟାକ୍ଟରୀ ଏରିଆରେ ଯଦି କେବେ ଝାମେଲା କରେ ତେବେ ମୋତେ ସାଙ୍ଗେ ସାଙ୍ଗେ ଖବର ଦେବ।

ବତାସ : ଆଜ୍ଞା।

ରଂଜନ : ପୁଅକୁ ଏମିତି ପାନେ ଦେବି ଯେ ପୁଅର ଦାଦାଗିରି ଏକବାରେ ଛାଡ଼ିଯିବ।

ବତାସ : ଆପଣଙ୍କୁ କିଛି କରିବାକୁ ପଡ଼ିବନି ଆଜ୍ଞା। ଏ ବତାସ ମହାନ୍ତିକି ପରା ଏକା ନିଅଣ୍ଟ। ମୋ ଉପରେ ବିଶ୍ୱାସ ରଖନ୍ତୁ। ମଉକା ଦେଖି ତାକୁ ଲୋକ ଲଗେଇ ଡ୍ୟାସ କରିଦେବି ମାନେ ଉଠାଇ ଆଣିବି। ତା'ପରେ ତାକୁ ଡ୍ୟାସ କରି ମାନେ ଲଣ୍ଡା କରି ଗୋଟାଏ ଗାଲରେ ଚୂନ ଓ ଗୋଟାଏ ଗାଲରେ କାଳୀ ଲଗେଇ ଆପଣଙ୍କ ପାଦତଳକୁ ନେଇ ଆସିବି।

ରଂଜନ : ତୁମ ସାହାସକୁ ମାନିବାର ଅଛି।

ବତାସ : ହବନି କେମିତି ? ମୁଁ ପରା ଆପଣଙ୍କ ଡ୍ୟାସ ଲୋକ ମାନେ ପାଖ ଲୋକ। ଆପଣଙ୍କ ଡ୍ୟାସ ମାନେ ହାଓ୍ୱା ମୋ ଦେହରେ ବାଜୁଛି।

ରଂଜନ : ବତାସ, ଫ୍ୟାକ୍ଟରୀ ସବୁ ଠିକ୍ ଚାଲିଛି ?

ବତାସ : ହଁ ଆଜ୍ଞା ଠିକ୍ ଚାଲିଛି।

ରଂଜନ : ମନୀଷା ଘରେ ଅଛି ?

ବତାସ : ଆଜ୍ଞା ।

ରଂଜନ : ତାକୁ ଟିକିଏ ଡାକିଲ ?

ବତାସ : ସାଙ୍ଗେ ସାଙ୍ଗେ ଆଜ୍ଞା।

(ଭିତରକୁ ମନୀଷାକୁ ଡାକିବାକୁ ଗଲେ। ରଂଜନ ବାବୁ ଏପଟ ସେପଟ ବୁଲିଲେ। କିଛି ସମୟ ପରେ ମନୀଷା ଓ ବତାସ ପ୍ରବେଶ)

ମନୀଷା : ମୋତେ ଡାକୁଥିଲେ ଡାଡ୍ ?

ରଂଜନ : ହଁ । ମୁଁ ଖବର ପାଇଲି ପାର୍କରେ ଗୋଟାଏ ଟୋକା ସାଥିରେ ବୁଲୁଥିଲୁ ?

ମନୀଷା : ହଁ। ସିଏ ମୋ ସାଙ୍ଗ ଆକାଶ। ପିଲାଦିନୁ ଆଜି ପର୍ଯ୍ୟନ୍ତ ଏକାଠି ପଢୁଥିଲୁ। ମୁଁ ତାକୁ ଭଲପାଏ ଡାଡ୍।

ରଂଜନ : ମନୀଷା, ତୋ ମୁଣ୍ଡ ଠିକ୍ ଅଛି ତ ? ତୁ କାହାକୁ କ'ଣ କହୁଛୁ ଜାଣି ପାରୁଛୁ ତ ? ସେ ପିଲା କିଏ ? ତା'ର ବଂଶ ମର୍ଯ୍ୟାଦା କ'ଣ ଜାଣିଛୁ ?

ମନୀଷା : ନାଁ। କିନ୍ତୁ ଏତିକି ଜାଣିଛି ସେ ଜଣେ ଦରଦି ମଣିଷ। ହୃଦୟଥିବା ମଣିଷ। ମୋତେ ଭଲପାଉଥିବା ମଣିଷ।

ରଂଜନ : ମନୀଷା, ତା ବିଷୟରେ ଭଲ ଭାବରେ କିଛି ନଜାଣି ଅନ୍ଧ ଭଳି ଭଲପାଇ ବସିବାକୁ ସାହାସ କଲୁ କେମିତି ? ତୋ କୋଟିପତି ଡାଡ୍ ରଂଜନ ରାୟ ଚୌଧୁରୀ ମୁହଁରେ କ'ଣ କଳା ବୋଳିବୁ ?

ମନୀଷା : ଆକାଶ ଭାରି ଭଲପିଲା। ସେ ଜଣେ ସରଳ ଓ ନିରୀହ ପିଲା। ସେ ଜଣେ ମଣିଷ ପରି ମଣିଷ।

ରଂଜନ : ଆକାଶ ପାଇଁ ମୋ ପାଖରେ ଓକିଲାତି କରିବା ଦରକାର ନାହିଁ। ତୋ ଡାଡ୍ କହୁଛି, ତୁ ତାକୁ ଭୁଲି ଯା। ମୁଁ ତୋତେ ବହୁତ ଭଲପାଏ। ତୁ ଯେମିତି ଚାହିଁବୁ ସେମିତି ବର କିଣିଦେବି।

ମନୀଷା : ମୁଁ ଆକାଶକୁ ଭୁଲିପାରିବି ନାହିଁ ଡାଡ୍। ଟଙ୍କା ଦେଇ ମନ କିଣାଯାଇ ପାରେନା।

## ଅଟୋବାଲା

ରଂଜନ : ମନୀଷା, ତୋ ଡାଡ୍ ମୁହଁରେ ଜବାବ ?

ବତାସ : ମା ମନୀଷା, ତମ ଡାଡ୍‌ଙ୍କ କଥା ଶୁଣ। ନହେଲେ ତାଙ୍କ ସମ୍ମାନ ଡ୍ୟାସ ହୋଇଯିବ ମାନେ ଚାଲିଯିବ।

ରଂଜନ : ମନୀଷା, ତୁ ଏବେ ଭିତରକୁ ଯା। ଧୀର ସୁସ୍ଥ ମନରେ ଭାବିବୁ କ'ଣ କରିବୁ ? (ମନୀଷା ମନଦୁଃଖରେ ଭିତରକୁ ଗଲା)

ବତାସ : ବାବୁ, ମନୀଷା ମା ଭଲପିଲା। ସେ ନିଶ୍ଚୟ ମନ ପରିବର୍ତ୍ତନ କରିବେ। ଆଉ ଆପଣ ଏତେ ରାଗନ୍ତୁନି। ନହେଲେ ବ୍ଲଡ଼ପ୍ରେସର ଡ୍ୟାସ ହୋଇଯିବ ମାନେ ବଢ଼ିଯିବ। ମୁଁ ମନୀଷା ମା'ଙ୍କୁ ବୁଝେଇବି।

ରଂଜନ : ମୋ ମାନ, ସମ୍ମାନ, ଆଭିଜାତ୍ୟ ଦୃଷ୍ଟିରୁ ଯଦି ମନୀଷା ତା ମତ ପରିବର୍ତ୍ତନ ନକରେ, ତେବେ ତା ରାସ୍ତାରୁ ଆକାଶକୁ ସବୁଦିନ ପାଇଁ ହଟେଇଦେବି।

ବତାସ : ବାବୁ, ଝିଅକୁ ଡ୍ୟାସ ମାନେ ବିଧବା କରିଦେବେ ?

ରଂଜନ : ହଁ। ଯିଏ ମୋ ବିନା ଅନୁମତିରେ ତା ସାଥି ବାଛିଛି ତା ଦଣ୍ଡ ଏୟା। ନିଜର ବଂଶ ମର୍ଯ୍ୟାଦା ପାଇଁ ଏ ରଂଜନ ରାୟ ଚୌଧୁରୀ ବହୁତ ତଳକୁ ଖସି ଯାଇପାରେ।

ବତାସ : ବାବୁ, ଶାନ୍ତ ହୁଅନ୍ତୁ ନହେଲେ ଦେହ ଖରାପ ହୋଇଯିବ।

**ଅନ୍ଧକାର**

## ୬ଷ୍ଠ ଦୃଶ୍ୟ

(ରାଜପଥ। ଅପରାହ୍ନ। ଅଟୋବାଲା ଅଟୋରେ ମନୀଷା ବ୍ୟାଗ୍ ଛାଡ଼ି ଯାଇଥିବା ଦେଖି ଭ୍ୟାନିଟ ବ୍ୟାଗ ଧରି ପ୍ରବେଶ। ଭ୍ୟାନିଟ ବ୍ୟାଗ ଖୋଲିଲେ। ସବୁ ଜିନିଷ ଦେଖିସାରି ଭ୍ୟାନିଟ୍ ବ୍ୟାଗ ବନ୍ଦ କଲେ।)

କେଶବ : (ମନକୁ ମନ) ଆରେ ସେ ଝିଅଟା ତା ଭ୍ୟାନିଟ୍ ବ୍ୟାଗ୍‌ଟା ଅଟୋରେ ଛାଡ଼ିଗଲା। ତାଙ୍କର ସମସ୍ତ ଦରକାରୀ ଜିନିଷ ଏ ବ୍ୟାଗ୍‌ରେ ଅଛି। ଏ.ଟି.ଏମ୍ କାର୍ଡ଼, ବ୍ୟାଙ୍କ ପାସ୍‌ବୁକ୍, ସ୍ମାର୍ଟ ଫୋନ୍, କେତେକ ଫଟୋ ଟଙ୍କା ଆଦି ଅଛି। ସେ ଭ୍ୟାନିଟ୍ ବ୍ୟାଗ ନପାଇ ବ୍ୟସ୍ତ ହେଉଥିବେ। କ'ଣ କରିବି ? ମୁଁ ତାଙ୍କୁ ଫେରେଇ ଦେବି। ନହେଲେ ସେ ମାନସିକ ଯନ୍ତ୍ରଣାରେ ଛଟପଟ ହେବେ।

(କେଶବ ପ୍ରସ୍ଥାନ। ପ୍ରବେଶ କଲେ ମନୀଷା, ବତାସ ମହାନ୍ତି)

ମନୀଷା : ବତାସ ଅଂକଲ, ତୁମକୁ ଗୋଟାଏ କଥା କହିବି ?

ବତାସ : କି କଥା ?

ମନୀଷା : ଆଜି ଗୋଟେ ଅଟୋବାଲା ସାଥିରେ ପାଟିତୁଣ୍ଡ କରି ମୁଁ ଭୁଲରେ ମୋ ଭ୍ୟାନିଟ୍ ବ୍ୟାଗ୍‌ଟି ତାଙ୍କ ଅଟୋରେ ଛାଡ଼ିଆସିଛି। ସେଥିରେ ମୋର ସବୁ ଦରକାରୀ ଜିନିଷ ଅଛି। ଯଦି ନପାଇବି ବହୁତ ଅସୁବିଧା ହେବ ।

ବତାସ : ଏଇ କଥା ? ଏ ବତାସ ଅଂକଲ ଡ୍ୟାସ ବେଗରେ ମାନେ ବତାସ ବେଗରେ କାମ କରିବ। ମନୀଷା, ସେ ଅଟୋବାଲାକୁ ଡ୍ୟାସ କରିପାରିବ ମାନେ ଚିହ୍ନିପାରିବ। ତା ନାଆଁ କ'ଣ ଜାଣିଛ ?

ମନୀଷା : ଦେଖିଲେ ଚିହ୍ନିପାରିବି ବୋଲି ଭାବୁଛି । ନାଆଁ ଜାଣିନି ?

ବତାସ : ଠିକ୍ ଅଛି। ମୁଁ ଏବେ ଯାଇ ଥାନାରେ ଏଫ.ଆଇ.ଆର ଦେଇ ଆସୁଛି। ତୁମେ ଯେଉଁସବୁ ଅଟୋ ଯାଉଛି ତାକୁ ଟିକେ ନଜର ରଖିଥିବ।

ମନୀଷା : ଠିକ୍ ଅଛି ଅଙ୍କଲ ।

(ବତାସ ମହାନ୍ତି ପ୍ରସ୍ଥାନ। ଭ୍ୟାନିଟ୍ ବ୍ୟାଗ୍ ଧରି ପ୍ରବେଶ କଲା ଅଟୋବାଲା କେଶବ। କେଶବକୁ ଦେଖି ଅଟୋବାଲା ବୋଲି ଜାଣି ନପାରି ମନୀଷା ଭୟରେ ପଳେଇଲା। ଅଟୋବାଲା ତା'ପଛେ ପଛେ ଗଲା।

କେଶବ : ମୁଁ କିଛି ମନ୍ଦ ଉଦ୍ଦେଶ୍ୟରେ ଆସିନି ଝିଅ। ଟିକେ ରୁହ। ଭୟ କରନା।

## ଅଟୋବାଲା

ମନୀଷା : ତୁମେ ଚାଲି ଯା। ନହେଲେ ପାଟିକରିବି।

କେଶବ : ଟିକେ ରୁହ। ତୁମ ଭଲପାଇଁ ମୁଁ କହୁଛି। (ପ୍ରସ୍ଥାନ)

ମନୀଷା : କିଏ କେଉଁଠି ଅଛ ରକ୍ଷା କର। (ପ୍ରସ୍ଥାନ)

(କେଶବ ଝିଅ ପଛରେ ଗୋଡ଼େଇଛି ଭାବି କିଛି ଗୁଣ୍ଡା ଶ୍ରେଣୀର ଲୋକ ତାକୁ ବାଡ଼େଇଛନ୍ତି। ତା'ର ମେନ ଲିଡ଼ର ହେଉଛି ଟାଇଗର। କେଶବ ଖଣ୍ଡିଆ ଖାବରା ହୋଇ ପ୍ରବେଶ କରିଛି)

କେଶବ : ହେ ଭଗବାନ, ମୁଁ ଆସିଲି କେଉଁ ଉଦ୍ଦେଶ୍ୟରେ। ଫଳ ପାଇଲି କ'ଣ? ଆଜି ଯଦି ନିର୍ଭୟା ବଞ୍ଚିଥାନ୍ତା ଏ ପରିସ୍ଥିତି ପାଇଁ କିଏ ଦାୟୀ ସିଏ କି ଉତ୍ତର ଦେଇଥାନ୍ତା

(ପ୍ରବେଶ କଲା ଟାଇଗର)

ଟାଇଗର : ଛି ଛି ଏ ବୟସରେ ଝିଅ ପଛରେ ଗୋଡ଼ଉଛ ? ତୁମକୁ ଟିକେ ଲାଜ ଲାଗୁନି ?

କେଶବ : ମୁଁ ସେମିତିକା ଲୋକ ନୁହେଁ। ମୁଁ ଜଣେ ଅଟୋବାଲା। ସେ ଝିଅ ମୋ ଅଟୋରେ ଆସିବା ବେଳେ ତାଙ୍କ ଭ୍ୟାନିଟ୍ ବ୍ୟାଗ୍ ଛାଡ଼ି ଆସିଥିଲେ। ମୁଁ ତାକୁ ଫେରାଇବାକୁ ଆସିଥିଲି।

ଟାଇଗର : ତୁମେ ଅଟୋବାଲା? (କ'ଣ ଭାବିଛି) ମିଛ କହୁଛ? ଯଦି ସତ ସେ ଝିଅ ପଳାଉଥିଲା କାହିଁକି? ଏଇଟା ଗୋଟାଏ ବାହାନା।

କେଶବ : ନାଇଁ ବାବୁ ମୁଁ ମିଛ କହୁନି। ମୋ ଦୁଃଖ ଧନ୍ଦା ଭଲ ମୁଁ ଭଲ। ମୁଁ ଚାହିଁଥିଲେ ସେ ଭ୍ୟାନିଟ୍ ବ୍ୟାଗ୍‌ଟା ରଖିପାରିଥାନ୍ତି କିନ୍ତୁ ମୋ ବିବେକ ମୋତେ ବାଧା ଦେଲା। (ଭ୍ୟାନିଟ ବ୍ୟାଗ ବାହାର କରି) ଏଇ ଦେଖନ୍ତୁ ସତ ନା ମିଛ।

(ଟାଇଗର ସ୍ଥାଣୁ ହୋଇ ଛିଡ଼ାହେଲା। ସବୁ ଶୁଣି ମନୀଷା କାନ୍ଦ କାନ୍ଦ ହୋଇ ପ୍ରବେଶ କଲା)

ମନୀଷା : ମୋତେ କ୍ଷମା କରିଦିଅ ଅଙ୍କଲ। ମୁଁ ଭଲଭାବରେ ଆପଣଙ୍କୁ ଚିହ୍ନି ନପାରି ଭୟରେ ଦୌଡ଼ି ପାଟି କରିବାରୁ ଆପଣଙ୍କର ଏ ଅବସ୍ଥା।

କେଶବ : ଯାହା ଯୋଗ ଥିଲା ତାହା ହେଲା।

ମନୀଷା : ମୋ ଯୋଗୁ ସବୁ ହେଲା। ମୁଁ ଏବେ ଆପଣଙ୍କୁ ଭଲଭାବରେ ଚିହ୍ନିପାରୁଛି। ମୋତେ କ୍ଷମା କରିଦିଅ ଅଙ୍କଲ।

ଟାଇଗର : ମନୀଷା, କାହିଁକି ସେ ଅଟୋବାଲାକୁ ବାରମ୍ବାର କ୍ଷମା ମାଗୁଛ? ସେ ତୁମର କ'ଣ କରିଦେବ?

ମନୀଷା : ତୁମେ ଟିକେ ରୁହ। ମୋ ବିବେକ ଯାହା କହିଲା ମୁଁ ସେଇଆ କରୁଛି।

କେଶବ : ଝିଅ, (ଭ୍ୟାନିଟ୍ ବ୍ୟାଗ୍ ଦେଇ) ନିଅ ତୁମର ଭ୍ୟାନିଟ୍ ବ୍ୟାଗ୍। ଯାହା ଥିଲା ଯେମିତି ଥିଲା ସବୁ ସେମିତି ଅଛି। ଏସବୁ ଜିନିଷ ରଖି ବୁଲିବା ଠିକ୍ ନୁହେଁ। (ମନୀଷା ଭ୍ୟାନିଟ୍ ବ୍ୟାଗ୍ ନେଇଛି)

ଟାଇଗର : ସିଏ କ'ଣ ଧରି ବୁଲିବେ ନବୁଲିବେ ତାଙ୍କୁ ଶିଖେଇବା ଦରକାର ନାହିଁ।

କେଶବ : ତୁମେ କାହିଁକି ବାବୁ ମଝିରେ ଷଣ୍ଢ ପୂରଉଛ ? ଭ୍ୟାନିଟ୍ ବ୍ୟାଗରେ ଯାହାସବୁ ଥିଲା ଯଦି ଭାଇରାଲ ହୋଇଥାନ୍ତା, ସେ ଝିଅ ଅସୁବିଧାରେ ପଡ଼ିଥାନ୍ତେ, ତୁମେ ନୁହଁ।

ଟାଇଗର : ବେଶି ବଢ଼ି ବଢ଼ି କଥା କହୁଛ ତ ? ଆଉ ଦିଟା ବାଜିଲେ ଠିକ ହୋଇଯିବ।

ମନୀଷା : ତୁମେ ଟିକେ ଚୁପ ରୁହ। ସେ ଜଣେ ଭଲ ଲୋକ ହୋଇନଥିଲେ ମୋ ଭ୍ୟାଟିନ୍ ବ୍ୟାଗ୍ ଫେରେଇବାକୁ ଆସିନଥାନ୍ତେ। ମୋ ଭୁଲ ପାଇଁ ସେ ଆଜି ଦଣ୍ଡ ପାଇଲେ।

କେଶବ : ଏ ଅଟୋବାଲା ଗରିବ ହୋଇପାରେ। ତା'ର ମାନବିକତା ଅଛି। ତା'ର ହୃଦୟ ଅଛି। ଜିନିଷ ନପାଇଲେ ତୁମର ମାନସିକ ଯନ୍ତ୍ରଣା ହୋଇଥାନ୍ତା। ସବୁ ଅଟୋବାଲା ଖରାପ ନୁହଁନ୍ତି। କଷ୍ଟକରି ଯାହା ରୋଜଗାର କରିବେ ସେଇଟା ତା'ର ପ୍ରାପ୍ୟ। ଚୋରି କରି ନୁହେଁ।

ଟାଇଗର : ମନୀଷା, ଦେଖିବା ସେ ଭ୍ୟାନିଟ୍ ବ୍ୟାଗ୍‌ରେ ଏମିତି କ'ଣ ଅଛି ଯେ ଭାଇରାଲ ହୋଇଥିଲେ ଅସୁବିଧା ହୋଇଥାନ୍ତା ?

ମନୀଷା : ନାଁ ମୁଁ ଭ୍ୟାନିଟ ବ୍ୟାଗ୍ ଦେବିନି। ତୁମର କୌଣସି ବିଷୟରେ ଜାଣିବା ଦରକାର ନାହିଁ। (ଟାଇଗର ଭିଡ଼ିଛି। ମନୀଷା ଛାଡ଼ିନି। ଏମିତି ଭିଡ଼ା ଓଟରା ହୋଇଛନ୍ତି। ମନୀଷା ଭ୍ୟାନିଟବ୍ୟାଗ ଛାଡ଼ିନି।)

କେଶବ : କ'ଣ ପାଇଁ ସେ ଭ୍ୟାନିଟ୍ ବ୍ୟାଗ ଛଡ଼ଉଛ ?

ଟାଇଗର : ତୁମର ମୁଣ୍ଡ ଖେଳେଇବା ଦରକାର ନାହିଁ। ମୁଁ ଟାଇଗର ରଣସିଂହ। ଏ ଏରିଆର ଦାଦା। ମୋ ଇସାରାରେ ଏ ଏରିଆ ଚଳେ। ଯିଏ ମୋ କଥା ଶୁଣେ ତାକୁ ଛାଡ଼ିଦିଏ। ଆଉ ଯିଏ ନଶୁଣେ କାଟି ମାଟିରେ ମିଶେଇ ଦିଏ।

କେଶବ : ତୁମେ ଟାଇଗର।

## ଅଟୋବାଲା

ଟାଇଗର : ହଁ ହଁ ଟାଇରେ। ଟାଇଗର ମାନେ ବାଘ। ଏ ଝିଅକୁ ଥରେ ନେଇଯିବାକୁ ଚାହିଁଥିଲି। ଆଜି ବି ଏଇ ମୁହୂର୍ତ୍ତରେ ନେଇଯିବି। ତୁମେ କ'ଣ କରିବ ?
(ଟାଇଗର ମନୀଷାକୁ ଭିଡ଼ି ନେଲାବେଳେ କେଶବ ବାଧା ଦେଇଛି। ପୋଲିସ ଗାଡ଼ିର ସାଇରନ। ସାଇରନ ଶୁଣି ଟାଇଗର ଯିବାକୁ ବାହାରିଲା ବେଳକୁ କେଶବ ଧରିଛି। ପ୍ରବେଶ କଲେ ଆଇ.ପି.ଏସ୍ ପାଇ ଏସ୍.ପି ହୋଇ ଏ ଅଂଚଳକୁ ଆସିଥିବା ଆକାଶ ମଙ୍ଗରାଜ, କନଷ୍ଟେବଲ ସମରେଶ ପାଲ। ଆକାଶକୁ ଦେଖି କେଶବ ଓ ମନୀଷା ଆଶ୍ଚର୍ଯ୍ୟ ହେଉଛନ୍ତି।)

ଆକାଶ : (ରିଭରଭଲ ଦେଖାଇ) ହ୍ୟାଣ୍ଡସ ଅପ ଟାଇଗର ରଣସିଂହ। ଆଉ ପାଦେ ଆଗକୁ ଯିବାକୁ ଚେଷ୍ଟା କଲେ ଏନକାଉଂଟର କରିଦେବି।
(ଟାଇଗର ରିଭରଭଲ ବାହାର କରି ଦେଖାଇ)

ଟାଇଗର : ମୁଁ ଟାଇଗର। ମୁଁ ବି ଛାଡ଼ିବିନି ଏସ୍.ପି ଆକାଶ ମଙ୍ଗରାଜ। ନୂଆ କରି ଜଏନ୍ କରୁ କରୁ ବେଶି ବାହାଦୁରି ଦେଖଉଛୁ ?
(ପ୍ରବେଶ କଲେ ବତାସ ମହାନ୍ତି, ରଂଜନ ରାୟ ଚୌଧୁରୀ। ବତାସ ଟାଇଗର ହାତରୁ ରିଭଲଭଲ ଛଡ଼ାଇ ପେଲି ଦେଇଛି)

ବତାସ : ମୁଁ ବତାସ ମହାନ୍ତି। ଏକା ଡ୍ୟାସ କରିଦେବି ମାନେ ଉଡ଼େଇଦେବି। ଏଇ ମା ମନୀଷାଙ୍କ ପାଇଁ ଆଜି ଏ ମହାଭାରତ।

ରଂଜନ : ମନୀଷା।

ମନୀଷା : ଡାଡ୍ (ଆଲିଙ୍ଗନ)।

ଆକାଶ : (ରିଭଲଭଲ ଦେଖାଇ) ହ୍ୟାଣ୍ଡସ ଅପ ଟାଇଗର।
(ଟାଇଗର ହାତ ଟେକିଲା)
ତୁ ଏରିଆରେ ଦାଦାସାଜି କୋକୁଆ ଭୟ ସୃଷ୍ଟି କରୁଛୁ। ମୁଁ ଏ ଏରିଆରେ ଯୋଗ ଦେବାପରେ ତୋର ଫଟୋ ସହ ସବିଶେଷ ଖବର ପାଇ ତୋତେ ପ୍ରଥମେ ଖୋଜୁଥିଲି। ଆଜି ହାବୁଡ଼ରେ ପଡ଼ିଗଲୁ। ଦାଦାବଟି ଆଦାୟ, ମର୍ଡ଼ର, ଡ୍ରଗସ କାରବାର, କିଡ୍‌ନାପ, ଝିଅମାନଙ୍କୁ ଅସଦ୍ ବ୍ୟବହାର
ଆଦି ବିଭିନ୍ନ ଅପରାଧରେ You are under arrest. ସମରେଶ।

ସମରେଶ : ଆଜ୍ଞା।

ଆକାଶ : ହ୍ୟାଣ୍ଡକଫ ପକା।

ସମରେଶ: ସାଙ୍ଗେ ସାଙ୍ଗେ ଆଜ୍ଞା । (ଟାଇଗରକୁ) ଏ ହାତ ଦେଖା ।

ଟାଇଗର : (ଟାଇଗର ଆଖି ଦେଖାଇ) ଏ ଟାଇଗର ହାତରେ ହାତକଡ଼ି ପିନ୍ଧେଇବୁ ? ଆରେ ତୋ ହାତ ଥରିବ । ଏ ଏସ୍.ପି ଆକାଶ ମଙ୍ଗରାଜ ଗୋଟିଏ ଫୋନ୍ କଲ୍‌ରେ ତୋର ଏ ଡ୍ରେସ୍‌ଟା ଖସିଯିବ ।

ଆକାଶ : ଟାଇଗର, ତାହାଲେ ତୁ ବହୁତ ପାରିବାର । ପୋନ କର ।

ଟାଇଗର : (ପୋନ୍ ଧରି ଫୋନ କଲା । ଫୋନ ଲାଗିଲାନି) ଧେତ୍ ଠିକ୍ ଟାଇମରେ ଫୋନ୍ ଲାଗିବନି ।

ଆକାଶ : ଫୋନ ଲାଗିବନି । ଲାଗିଲେ କେହି ଧରିବେନି । ସମରେଶ, ହ୍ୟାଣ୍ଡକଫ ପକା ।

ସମରେଶ: ଆଜ୍ଞା । (ଟାଇଗରକୁ) ଆଉ କିଛି କହିବାର ଅଛି । ହାତ ଦେଖା । (ଟାଇଗର ହାତ ଦେଖାଇଲା ସମରେଶ ହ୍ୟାଣ୍ଡକଫ ପକାଇଲେ)

କେଶବ : ଆକାଶ ତୁ ? କିଛି ନ ଜଣେଇ ଏମିତି ରୂପରେ ଦେଖି ତୋତେ ବିଶ୍ୱାସ କରିପାରୁନି ।

ଆକାଶ : ହଁ ବାପା ମୁଁ । ଆପଣଙ୍କୁ ସରପ୍ରାଇଜ ଦେବାକୁ ମୁଁ ଆଇ.ପି.ଏସ ପାଇବା ପରେ ଜଣାଇନଥିଲି । ଆଇ.ପି.ଏସ୍ ପାଇ ଟ୍ରେନିଂ ସାରି ଏସ୍.ପି ହେବାପରେ ମୁଁ ତୁମକୁ ଦେଖା କରିବାକୁ ଯାଉଥିଲି । ମୁଁ ଯିବା ବେଳେ ଏଠି କ'ଣ ଗହଳି ହୋଇଛି ଦେଖି ଆସିଲାବେଳକୁ ଏୟା ।

କେଶବ ଆକାଶ ।

ଆକାଶ ବାପା (ଆଲିଙ୍ଗନ) ।

ଆପଣଙ୍କ ଦେହ ଖଣ୍ଡିଆ ହୋଇଛି । ଚାଲନ୍ତୁ ଡାକ୍ତରଖାନା ଯିବା ।

କେଶବ : ତୁ ବ୍ୟସ୍ତ ହୁଅନି । ଏ ଦେହ ଖଣ୍ଡିଆ କିଛି ନୁହେଁ । ତୋତେ ଏମିତି ଦେଖିଲା ପରେ ଏ କେଶବ ଅଟୋବାଲା ସବୁ ଦୁଃଖ ଭୁଲିଯାଇଛି । ତୁ ପ୍ରକୃତରେ ଦେଖାଇ ଦେଇଛୁ ଗରିବ ହେଲେବି ଉଚ୍ଚ ଆସନରେ ବସିପାରିବ । ସବୁ ତୋର ପରିଶ୍ରମର ଫଳ ।

ମନୀଷା : ଆକାଶ, Classmate ହିସାବରେ ତୁମେ ଏ ପର୍ଯ୍ୟନ୍ତ କିଛି ନଜଣେଇ ଏକାବେଳେ ଏସ୍.ପି ହୋଇ କାର୍ଯ୍ୟରେ ଯୋଗଦାନ କରିଥିବାରୁ ମୁଁ ଭାରି ଖୁସି ।

ଆକାଶ : ତୁମକୁ ସରପ୍ରାଇଜ ଦେବାପାଇଁ କହିନଥିଲି ।

## ଅଟୋବାଲା

ମନୀଷା : ଆକାଶ, ତୁମେ ଆଜିଯାଏଁ କିଛି ନକହି ଏତେ କଥା ଲୁଚେଇଛ ? ମୋ ଭ୍ୟାନିଟ୍ ବ୍ୟାଗଟି ଅଟୋରେ ଛାଡ଼ିଯିବା ଯୋଗୁ ଆଜି ଏ ମହାଭାରତ। ସବୁ ଦୋଷ ମୋର। ଅଙ୍କଲଙ୍କର କିଛି ଦୋଷ ନାହିଁ। ଆଜି ଏସବୁ ଦେଖି ମୁଁ କିଛି ବିଶ୍ୱାସ କରିପାରୁନି।

କେଶବ : ଆଜି ଯାହା ଘଟିଛି ସବୁ ସେଇ ଭଗବାନଙ୍କ ପାଇଁ ମା। ତାହା ନହୋଇଥିଲେ ଏମିତି ଏକଜୁଟ କେମିତି ହୋଇଥାନ୍ତା ?

ବତାସ : ରଂଜନ ବାବୁ ଆପଣ ମିଛଟାରେ ମନୀଷା ମାଙ୍କ ଉପରେ ଡ୍ୟାସ କରୁଥିଲେ ମାନେ ରାଗୁଥିଲେ। ସିଏ ଠିକ ଲୋକ ଡ୍ୟାସ କରିଛନ୍ତି ମାନେ ବାଛିଛନ୍ତି। ଏ କେଶବ ଅଟୋବାଲା ଜଣେ ମଣିଷ ପରି ମଣିଷ। ଆଉ ତାଙ୍କ ପୁଅ ସିଏ ଗୋଟିଏ ଜୁଏଲ।

ରଂଜନ : ହଁ ବତାସ, ମୋତେ ଏସବୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି। ଏସବୁ କ'ଣ ହୋଇଯାଉଛି ମୁଁ ବିଶ୍ୱାସ କରିପାରୁନି।

ବତାସ : ଆଉ ବିଶ୍ୱାସ ଅବିଶ୍ୱାସର ପ୍ରଶ୍ନ ନାହିଁ। ଏ ଯାହା ସବୁ ଘଟିଛି ସତ। (ରଂଜନ ବାବୁଙ୍କୁ ଦେଖାଇ) ଏ ବାବୁ ହେଉଛନ୍ତି ମା ମନୀଷାଙ୍କ ଡାଡ୍ ଶିଳ୍ପପତି ରଂଜନ ରାୟ ଚୌଧୁରୀ। ଆଉ ମୁଁ ହେଉଛି ତାଙ୍କ ଡ୍ୟାସ ମାନେ ଚମଚା ବତାସ ମହାନ୍ତି।

ଆକାଶ : (ରଂଜନ ବାବୁ)ଙ୍କୁ ନମସ୍କାର।

ରଂଜନ : ନମସ୍କାର। ଆକାଶ, ମୁଁ ମନୀଷାଙ୍କୁ ମୋ ଆଭିଜାତ୍ୟର ଅହଙ୍କାରରେ ଭୁଲ ବୁଝିଥିଲି। ଏବେ ତୁମକୁ ଦେଖିଲାପରେ ମୋର ସବୁ ଅହଙ୍କାର ଯେମିତି ଲୀନ ହୋଇଯାଇଛି। ଆଜି ଏଇ ଅଟୋବାଲା କେଶବ ପାଖରେ ଏ ଶିଳ୍ପପତି ରଂଜନ ରାୟ ଚୌଧୁରୀର ମୁଣ୍ଡ ନଇଁଗଲା। ମୋ ଝିଅ ମନୀଷା ସାଙ୍ଗରେ ଆକାଶର ବିବାହ ପାଇଁ ମୁଁ ରାଜି।

କେଶବ : ମୁଁ ବି ସବୁ ଜାଣିଛି। ଏଥିରେ ମୁଁ ରାଜି। ଆ ଆକାଶ ଆ ମା ମନୀଷା (ଜଣଙ୍କ ହାତ ଜଣଙ୍କ ହାତ ଉପରେ ରଖି) ତୁମମାନଙ୍କ ଜୀବନ ସୁଖମୟ ହେଉ।

(ଆକାଶ, ମନୀଷା, କେଶବ, ରଂଜନ ଓ ବତାସକୁ ପ୍ରଣାମ କଲେ)

ରଂଜନ : କେଶବ, ଏଥର ସମୁଦି ଡାକ।

କେଶବ : ସମୃଦ୍ଧି (ଆଲିଙ୍ଗନ) ।

ଟାଇଗର : ଏଠି କି ପ୍ରହସନ ଲାଗିଛି ?

ଆକାଶ : ଚୁପ୍, ଏଥର ମାମୁ ଘରେ ଯାଇ ଦାଦାଗିରି କରିବୁ। ସମରେଶ।

ଟାଇଗର : ହୁଁ।

ସମରେଶ: ଆଜ୍ଞା, ମୁଁ ଏ ପର୍ଯ୍ୟନ୍ତ ଗୋଟିଏ କଥା ଲୁଚାଇଛି କହିନି।

ଆକାଶ : କି କଥା ?

ସମରେଶ: ଆପଣ ଶୁଣିଲେ ବିଶ୍ୱାସ କରିପାରିବେନି। ଗପପରି ଲାଗିଲେ ବି କଥାଟା ସତ। ଏ ଟାଇଗର ରଣସିଂହ ଆଉ କେହି ନୁହେଁ ଏ ହେଉଛି ଆପଣଙ୍କ ବଡ଼ଭାଇ ବିକାଶ ମଙ୍ଗରାଜ। ସେ ନାଆଁ ବଦଳେଇ ଏମିତି ନାଚୁଥିଲା।

ଆକାଶ : ନାଁ। ଏପରି ନଷ୍ଟ ଚରିତ୍ର ଲୋକ ମୋ ଭାଇ ହୋଇପାରେନା।

ସମରେଶ: ଆଜ୍ଞା କଥାଟା ସତ। ଏଥିପାଇଁ ଦୋଷୀ ମୁଁ। ମୁଁ ନକହି ଆଜିଯାଏଁ ଲୁଚାଇଥିଲି।

କେଶବ : ଏଁ, ବିକାଶ ବଞ୍ଚିଛି ।

ସମରେଶ: ହଁ।

କେଶବ : ତାକୁ ଯେତେବେଳେ ପାଞ୍ଚ ବର୍ଷ ହୋଇଥିଲା ସେ ବାହାରେ ଖେଳୁଥିଲା। ତାପରେ ସେ କୁଆଡ଼େ ଗଲା ଯେ ଆଉ ଫେରିଲାନି। ମୁଁ କେତେ ଖୋଜିଲି। ଏଫ.ଆଇ.ଆର ଥାନାରେ ଦେଲି। କିନ୍ତୁ ତାକୁ ପାଇଲିନି।

ସମରେଶ : ସେତେବେଳେ ବହୁତ ପିଲାଚୋରି ହେଉଥିଲା। ପଶ୍ଚିମବଙ୍ଗରେ ଏକ ବ୍ରିଜ କାମରେ ପିଲାବଳୀ ଦିଆଯାଉଥିଲା। ବ୍ରିଜ କନଷ୍ଟ୍ରକସନ କଂପାନୀର ଏକ ଅଫିସ ଏଠି ଥାଏ। ମୁଁ ସେଇ କନଷ୍ଟ୍ରକସନ କମ୍ପାନୀରେ କାମ କରୁଥାଏ। ତାଙ୍କର କେତେକ ଲୋକଙ୍କ ସହ ମୁଁ ମଧ୍ୟ ଥିଲି। ବିକାଶ ଖେଳୁଥିଲା ସମୟରେ ତାଙ୍କର କେତେକ ଲୋକ ବିକାଶକୁ ଉଠାଇନେଲେ। ମୁଁ ଉଦ୍ଦେଶ୍ୟ ଜାଣିନଥାଏ। ତାକୁ ଦେଖି ମୋର ଦୟା ହେଲା। ମୁଁ ଅନ୍ୟମାନଙ୍କୁ ବୁଝାଇଲି ଓ ତାକୁ ପଶ୍ଚିମବଙ୍ଗ ନପଠାଇ ମୋ ପାଖରେ ରଖିଲି।

କେଶବ : ତା'ପରେ... ।

ସମରେଶ: ତା'ପରେ ବିକାଶ ଆଉ ମୋ କଂଟ୍ରୋଲରେ ରହିଲାନି। ବିଭିନ୍ନ ବଦମାସ ଗୁଣ୍ଡାମାନଙ୍କ ମେଳରେ ସମୟ କାଟି ବିରାଟ ଗୁଣ୍ଡା ହେଲା। ତା ନାଆଁ ବଦଳେଇ ଦେଲା ଟାଇଗର ରଣସିଂହ।

ଆକାଶ : ତା'ପରେ..... ।

ସମରେଶ: ମୋ ମନ ପରିବର୍ତ୍ତନ ପରେ ମୁଁ ସେ ଚାକିରି ଛାଡ଼ିଲି। ପୋଲିସ୍ ଚାକିରି ପାଇଲି। ତାକୁ ମୋ ପାଖରେ ରଖିଲେ ମୋ ଚାକିରିରେ ଆଞ୍ଚ୍ ଆସିବ ବୋଲି ଭାବି ତାକୁ ମୁଁ ଘରୁ ବାହାର କରିଦେଲି।

କେଶବ : ତା'ପରେ..... ।

ସମରେଶ: ସେ ମୋ ପାଖକୁ ଆଉ ଆସିଲାନି। ତା'ର ପ୍ରକୃତି ଜାଣି ମୁଁ ଚୁପ୍ ରହିଲି। କାହାକୁ କିଛି କହିଲିନି। ସିଏ ତା ବାଟରେ। ମୁଁ ମୋ ବାଟରେ।

କେଶବ : ବିକାଶ ।

ଟାଇଗର (ବିକାଶ) : ବାପା (ଆଲିଙ୍ଗନ) ।

(ଆକାଶକୁ)

ଆକାଶ ମୋର ଭୁଲ ହୋଇଯାଇଛି। ମୁଁ ପାପୀ। ପରିବେଶ ମୋତେ ଭୁଲ ବାଟରେ ନେଇଥିଲା। ମୁଁ ଏବେ ସବୁ ବୁଝିପାରିଛି। ଆଉ ସେ ଭୁଲ ହେବନି। ମୋତେ କ୍ଷମା କରିଦେ।

(ଆକାଶ ପାଖକୁ ଯାଇଛି)

ଆକାଶ : (ପେଲି ଦେଇ) ନା।

କେଶବ : ଆକାଶ, ତୋ ଭାଇଟାକୁ କ୍ଷମା କରିଦେ।

ରଂଜନ : ଏସବୁ ମୁଁ କ'ଣ ଦେଖୁଛି।

ବତାସ : ମୋତେ ସବୁ ଗପ ପରି ଲାଗୁଛି।

ରଂଜନ : ଆକାଶ, ତୁମ ଭାଇ ତ ଭୁଲ ମାଗିଲେଣି ତାଙ୍କୁ କ୍ଷମା କରିଦିଅ।

କେଶବ : ଆଜି ମୁଁ ହଜିଯାଇଥିବା ପୁଅକୁ ପାଇକି ଯେତିକି ଖୁସି ହ୍ୟାଣ୍ଡକଫ ପିନ୍ଧି ଥାନାକୁ ଯିବା ଯୋଗୁଁ, ଶେଷରେ ଜେଲଯିବା ଯୋଗୁଁ ଦୁଃଖିତ। ମୁଁ ବାପା। ମୋର ଦୁଇଟି ପୁଅ। ଗୋଟିଏ ଆକାଶ ମଣିଷ ପରି ମଣିଷ। ଆଉଜଣେ ବିକାଶ, ପରିବେଶ ତାକୁ ଅମଣିଷ କରିଦେଇଛି। କେଉଁ ବାପା କ'ଣ ଚାହିଁବ ତା'ର ଗୋଟିଏ ପୁଅ ଜେଲ ଯାଉ ? ଆକାଶ, ଏଥର ନିଷ୍ପତ୍ତି ତୋର।

ଆକାଶ : ବାପା, ଆଇନ ଆଗରେ ମୁଁ ନିରୁପାୟ। ମୁଁ ଆଇନର ରକ୍ଷକ। ଆଇନର ରକ୍ଷକ ହୋଇ ମୁଁ ବେଆଇନ୍ କାମ କରିପାରିବି ନାହିଁ। ଆଇନ ତା'ବାଟରେ ଯିବ। ମୋତେ କ୍ଷମା କରିଦିଅ ବାପା।

କେଶବ : ମୋର ଆଉ କିଛି କହିବାର ନାହିଁ। ଗୋଟିଏ ବାପାର ହୃଦୟ ଯାହା ଚାହୁଁଥିଲା କହିଥିଲି।

ଆକାଶ : ମୋ କାମ ଏବେ କରିବାକୁ ଦିଅ ବାପା। ସମରେଶ।

ସମରେଶ: ଆଜ୍ଞା।

ଆକାଶ : ବିକାଶ ଭାଇଙ୍କୁ ଗାଡ଼ିକୁ ନେଇଆସ।

(ପ୍ରସ୍ଥାନୋଦ୍ୟତ। ସମରେଶ ବିକାଶକୁ ନେଇଯାଉଛି। ବିକାଶ କାନ୍ଦ କାନ୍ଦ ଆଖିରେ ଅନାଇ)

ଟାଇଗର (ବିକାଶ) ଆକାଶ...... ବାପା.......

(ଆକାଶ, ସମରେଶ, ବିକାଶ ପ୍ରସ୍ଥାନ। ଅନ୍ୟମାନେ ସ୍ଥାଣୁହୋଇ ଛିଡ଼ା ହୋଇଛନ୍ତି)

**ଅନ୍ଧକାର**

**ସମାପ୍ତ**

## ୧. Title Song

ସକାଳରୁ ସଞ୍ଜ ସଞ୍ଜାରୁ ସକାଳ
ଏଇତ ମୋ ନୀତି ବେଉସା,
କିଏ ବା ନିଜର କିଏ ଅବା ପର
କିଏ ଭାଇ କିଏ ମଉସା।
ସଭିଏଁ ତ ମୋର ଅତି ଆପଣାର (ଘୋଷା)
ହସିଦେଲେ ଦୁଃଖ ଘୁଞ୍ଚିଲା।
ମୁଁ ଅଟୋବାଲା, ମୁଁ ଅଟୋବାଲା। (ଘୋଷା)

## ୨. Love Song

ପୁ – ମେଘ ବରଷିଲା ଟୁପୁର ଟୁପୁର (ଘୋଷା)
ଯେବେଠୁ ତୁ ମୋତେ ଚାହିଁଦେଲୁ,
ପ୍ରେମ ମୋର ହୋଇଗଲା ଆଜି ସୁରୁ।
ସ୍ତ୍ରୀ – ଯେବେଠୁ ତୁ ମୋତେ ଚାହିଁଦେଲୁ,
ପ୍ରେମ ମୋର ହୋଇଗଲା ଆଜି ସୁରୁ।
ପୁ – ଏରା ପୀରତି କେବେ ଆମର ନ ସରୁ ।
ସ୍ତ୍ରୀ – ଏରା ପୀରତି କେବେ ଆମର ନ ସରୁ ।
ପୁ – ମେଘ ବରଷିଲା ଟୁପୁରୁ.....
ସ୍ତ୍ରୀ – ମେଘ ବରଷିଲା ଟୁପୁରୁ.....
ପୁ – ପ୍ରଥମ ଦେଖାରେ ହେଲା ତ ପ୍ରେମ,
କେମିତି ରଖିବି ତାକୁ ଗୋପନ ।
ସ୍ତ୍ରୀ – ପହିଲି ଚୁମ୍ବନ ଲାଗେ ସରମ,
ଅଦିନ ବର୍ଷାରେ ଭିଜେ ଅନ୍ତର ।
ପୁ – ପ୍ରେମ କାହାଣୀ କେବେ ଆମର ନ ସରୁ।
ସ୍ତ୍ରୀ – ପ୍ରେମ କାହାଣୀ କେବେ ଆମର ନ ସରୁ।
ପୁ – ମେଘ ବରଷିଲା ଟୁପୁରୁ.....

ସ୍ତ୍ରୀ -   ମେଘ ବରଷିଲା ଟୁପୁରୁ.....
ସ୍ତ୍ରୀ -   ପୀରତି ତୋର ଲାଗେ ତ ନୂଆଁ
          ଦେଇଛ ଯେବେଠୁ ପହିଲି ଛୁଆଁ ।
ପୁ -   ତୋ ପାଇଁ ଆଜି ମୁଁ ଆଣିଛି ସିନ୍ଦୂର,
          କରିଦେବି ବୋଲି ତୋତେ ନିଜର।
ସ୍ତ୍ରୀ -   ଭଲପାଇବା କେବେ ଆମର ନ ସରୁ ।
ପୁ -   ଭଲପାଇବା କେବେ ଆମର ନସରୁ ।
ସ୍ତ୍ରୀ -   ମେଘ ବରଷିଲା ଟୁପୁରୁ.....
ପୁ -   ମେଘ ବରଷିଲା ଟୁପୁରୁ..... (ଘୋଷା)

- ସମାପ୍ତ -